ODIA DAILY EDITION
24.11.2025
କଟକ, ସୋମବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ନଭେମ୍ବର-୨୪, ୨୦୨୫
ବର୍ଷ-୩୭, ସଂଖ୍ୟା-୧୩୭
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା
ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ଆଜି ୫୩ତମ ସିଜେଆଇ ଭାବେ ଶପଥ ନେବେ ଜଷ୍ଟିସ ସୂର୍ଯ୍ୟକାନ୍ତ



**ନୂଆଦିଲ୍ଲୀ, ୨୩।୧୧।:** ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ସୋମବାର ଭାରତର ୫୩ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ । ସୂର୍ଯ୍ୟକାନ୍ତ ସେଜଆଇ ବିଆର ଗଭାଇଙ୍କ ସ୍ଥାନ ନେବେ । ଜଷ୍ଟିସ ସୂର୍ଯ୍ୟକାନ୍ତ ୨୦୨୭ ଫେବ୍ରୁଆରୀ ୯ ଯାଏ ସିଜେଆଇ ଭାବେ ପଦରେ ରହିବେ। ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ କାର୍ଯ୍ୟକାଳ ଅପେକ୍ଷାକୃତ ଲମ୍ବା ରହିବ । ଫଳରେ ତାଙ୍କର ଖଣ୍ଡପୀଠକୁ ଅନେକ ଉଚ୍ଚ-ସ୍ତରୀୟ ସାମ୍ବିଧାନିକ ଓ ସାମାଜିକ ମାମଲା ଉପରେ ରାୟ ଦେବାର ସୁଯୋଗ ମିଳିବ । ୧୯୬୨ ଫେବ୍ରୁଆରୀ ୧୦ରେ ହରିୟାଣାର ହିସାର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଏକ ସାଧାରଣ ପୃଷ୍ଠଭୂମିରୁ ଦେଶର ସର୍ବୋଚ୍ଚ ନ୍ୟାୟିକ ପଦବୀରେ ପହଞ୍ଚିଛନ୍ତି । ତାଙ୍କର ପଦୋନ୍ନତି ପୂର୍ବରୁ ସେ ହିସାରରେ ଓକିଲାତି କରିଥିଲେ । ପରବର୍ତ୍ତୀ ସମୟରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଅନେକ ପ୍ରଭାବଶାଳୀ ରାୟ ଦେଇଥିଲେ । ୨୦୧୮ ମସିହାରେ ତାଙ୍କୁ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତ କରାଯାଇଥିଲା ।

# ଆସୁଛି ବାତ୍ୟା କାଟିବ ବର୍ଷା

**ବଙ୍ଗୋପସାଗରରେ ମଲାକ୍କା ପ୍ରଣାଳୀ ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଲଘୁଚାପ କ୍ଷେତ୍ର ଘନୀଭୂତ**

**ଦୁଇ ଦିନ ମଧ୍ୟରେ ଘୂର୍ଣ୍ଣିଝଡ଼ରେ ପରିଣତ ହେବାର ପୂର୍ବାନୁମାନ**

**ଭୁବନେଶ୍ୱର, ୨୩।୧୧** ବଙ୍ଗୋପସାଗରରେ ମଲାକ୍କା ପ୍ରଣାଳୀ ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ଏକ ସୁଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

**୨୪ ନଭେମ୍ବର ସୁଦ୍ଧା ଡିପ୍ରେସନରେ ପରିଣତ ହେବ**

ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୪ ନଭେମ୍ବର, ୨୦୨୫ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଡିପ୍ରେସନରେ ପରିଣତ ହେବ ଏବଂ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏକ ଘୂର୍ଣ୍ଣିଝଡ଼ରେ ପରିଣତ ହେବ ବୋଲି ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି।

**ବାତ୍ୟାର ସଠିକ୍ ଗତିପଥ ଅନିଶ୍ଚିତ ରହିଛି**

ବିଶେଷଜ୍ଞଙ୍କ ମତରେ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିଝଡ଼ରେ ପରିଣତ ହେବା ପୂର୍ବରୁ ଏହି ପ୍ରଣାଳୀ ଆହୁରି ଘନୀଭୂତ ହୋଇ ଡିପ୍ରେସନରେ ପରିଣତ ହେବାର ଆଶା କରାଯାଉଛି। ଯଦିଓ ବାତ୍ୟାର ସଠିକ୍ ଗତିପଥ ଅନିଶ୍ଚିତ ରହିଛି ତେବେ ଉପକୂଳବର୍ତ୍ତୀ ବାସିନ୍ଦାଙ୍କୁ ସତର୍କ ରହିବାକୁ ଏବଂ ସରକାରୀ ଅପଡେଟ୍ ଉପରେ ନଜର ରଖିବାକୁ ଅନୁରୋଧ କରାଯାଇଛି।



ପାଣିପାଗ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ଯେ, ଏହି ପ୍ରଣାଳୀ ଶକ୍ତିଶାଳୀ ହେବା ପରେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ବର୍ଷା ସହିତ ପବନ ହୋଇପାରେ। ଝଡ଼ର ଗତିପଥ ସ୍ପଷ୍ଟ ନହେବା ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ନେଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଭାରତ ପାଣିପାଗ ବିଭାଗ ପ୍ରଣାଳୀକୁ ନିକଟରୁ ଅନୁସରଣ କରୁଛି ଏବଂ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହାର ତୀବ୍ରତା ଏବଂ ସମ୍ଭାବ୍ୟ ପ୍ରଭାବ ବିଷୟରେ ଅଧିକ ଅପଡେଟ୍ ଜାରି ହେବ।

ଭାରତ ପାଣିପାଗ ବିଭାଗ ତାମିଲନାଡୁ, କେରଳ ଏବଂ ଆନ୍ଧ୍ରପ୍ରଦେଶ ସମେତ ଦକ୍ଷିଣ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହେବା ନେଇ ଏକ ସତନ୍ତ୍ର ବାର୍ତ୍ତା ଜାରି କରିଛି। ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହିତ ଝଡ଼ ପବନ ଏବଂ ଅଶାନ୍ତ ସମୁଦ୍ର ପରିସ୍ଥିତି ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି।

## ତିନି ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର: ପାଞ୍ଚ ଗିରଫ

**ରାଉରକେଲା, ୨୩।୧୧ :** ରବିବାର ଭୋର ସମୟରେ ଲାଠିକଟା କୁଚେଇତା ନିକଟରେ ତିନି ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର କରାଯାଇଛି। ରାଉରକେଲାର ସତନ୍ତ୍ର ପୁଲିସକୁ ଚକମାଦେଇ ଖସି ପଳାଉଥିଲା ବେଳେ ପୁଲିସ ଗୁଳି ଚଳାଇଥିଲା। ତିନି ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତି କରାଯାଇଛି। ଅନ୍ୟ ପାଞ୍ଚ ଜଣଙ୍କୁ ପୁଲିସ ଘଟଣାସ୍ଥଳରୁ ଗିରଫ କରିଛି। ଏହି ଅପରାଧୀମାନେ କୋଇଡା ଓ ଅନ୍ୟାନ୍ୟ ଅଞ୍ଚଳରେ ଡକାୟତି କରି ଫେରାର ହୋଇ ଯାଉଥିଲେ। ନିକଟରେ ଲହୁଣୀପଡ଼ା ବରସୁଆଁ ଟ୍ରାନ୍ସପୋର୍ଟ ଅଫିସ ଓ କୋଇଡାର ଅନ୍ୟ ଏକ ଟ୍ରାନ୍ସପୋର୍ଟରେ ପଶି କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ। ସେମିତି ବଣାଇରେ ଜଣେ ବ୍ୟବସାୟୀଙ୍କ ପରିବାରଙ୍କୁ ବାନ୍ଧି ଲୁଟପାଟ ଘଟଣାରେ ଏମାନଙ୍କ ଜଡିତ ଥିବା ଜଣାପଡିଛି। ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଲହୁଣିପଡ଼ା ଥାନା ଅନ୍ତର୍ଗତ ବରସୁଆଁ ସାଇଡିଂ ନିକଟସ୍ଥ ବିଏନ୍ଆର ଟ୍ରାନ୍ସପୋର୍ଟ ଅଫିସ୍‌ରେ ୮ରୁ ୧୦ ଜଣ ମୁଖାପିନ୍ଧା ଯୁବକ ହାତରେ ମାରଣାସ୍ତ୍ର ଧରି ପଶିଥିଲେ। କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକଦେବା ସହ ଲୁଟ୍‌ପାଟ୍ କଲେ। ୩ ଲକ୍ଷ ୫୯ ହଜାର ଧରି ଫେରାର ହୋଇଯାଇଥିଲେ। ଗତ ୧୯ ତାରିଖ ରାତିରେ ସମାନଢଙ୍ଗରେ ଡକାୟତମାନେ କୋଇଡ଼ା ବଜାରର ମା’ ତାରିଣୀ ଟ୍ରାନ୍ସପୋର୍ଟରୁ ଲୁଟ୍‌ପାଟ୍ କରିଥିଲେ। ବନ୍ଧୁକ ଦେଖାଇ ଲୁଟି ନେଇଥିଲେ ସାଢ଼େ ୩ ଲକ୍ଷ ଟଙ୍କା।

| | |
|---|---|
| ସେନ୍‌ସେକ୍ସ | ୮୫,୨୩୧ |
| ନିଫ୍ଟି | ୨୬,୦୬୮ |
| ସୁନା/୧୦ଗ୍ରା | ୧,୨୭,୩୩୦ |
| ରୂପା/କିଗ୍ରା | ୧,୬୧,୦୦୦ |
| ଡଲାର | ୮୮.୬୬ |

## ଆବାସିକ ହିତାଧିକାରୀଙ୍କୁ ମାଗଣାରେ ମିଳିବ ବାଲି : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୨୩।୧୧:** ମାଗଣାରେ ମିଳିବ ବାଲି। ସରକାରଙ୍କ ବିଭିନ୍ନ ଗୃହ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ମାଗଣାରେ ମିଳିବ ବାଲି । ଏନେଇ ଘୋଷଣା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଗରିବ ହିତାଧିକାରୀଙ୍କୁ ମାଗଣାରେ ବାଲି ଯୋଗାଇ ଦେବାନେଇ ବଡ଼ ଘୋଷଣା କରିଛନ୍ତି ମନ୍ତ୍ରୀ । ମାଗଣା ବାଲିରେ ଘର କରିବେ ହିତାଧିକାରୀ । ହିତାଧିକାରୀଙ୍କ ବାଲି ଟଙ୍କା ସରକାର ବହନ କରିବେ । ପୂର୍ବରୁ ବାଲି ଦରରେ ଲଗାମ ଲଗାଇଓ୍ୱା ପାଇଁ ଏମ୍‌ଏସପି ଘୋଷଣା କରିଛନ୍ତି ରାଜ୍ୟ ସରକାର । ସେପଟେ ସାରା ରାଜ୍ୟରେ ବାଲି ଦର ସମାନ ରହିବ। ଏଥିପାଇଁ ରାଜ୍ୟ ସରକାର ବାଲି ପାଇଁ ଏମ୍‌ଏସ୍‌ପି (ସର୍ବାଧିକ ବିକ୍ରୟ ମୂଲ୍ୟ) ଲାଗୁ କରିବେ। ଏଣିକି ସରକାର ଯେଉଁ ଦାମ୍ ଧାର୍ଯ୍ୟ କରିବେ, ବାଲିଘାଟ ଲିଜ୍‌ଧାରୀ ସେହି ଦାମ୍‌ରେ ଲୋକଙ୍କୁ ବାଲି ବିକ୍ରି କରିବେ । ଯିଏ ଅଧିକ ଦାମ୍‌ରେ ବାଲି ବିକିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଶୁକ୍ରବାର କ୍ୟାବିନେଟ୍ ବୈଠକରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ର ସଂଶୋଧନ ଉପରେ ମୋହର ମାରିବା ପରେ ଏନେଇ ପ୍ରତିକ୍ରିୟା ରଖି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ବାଲି ଚୋରି ରୋକିବା ଏବଂ ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ରାଜ୍ୟ ସରକାର କେତେକ ନୂଆ ପଦକ୍ଷେପ ନେଇଛନ୍ତି। ଏଣିକି ଇ-ନିଲାମ



ପରିବର୍ତ୍ତେ ଇ-ଲଟେରି ମାଧ୍ୟମରେ ବାଲିଘାଟଗୁଡ଼ିକୁ ଲିଜ୍ ଦିଆଯିବ । ସେହିପରି ବାଲି ମାଫିଆମାନେ ଘାଟରୁ ବାଲି ନେଇ ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖିବା ସହ ଅଧିକ ଦାମରେ ବିକୁଥିବା ଅଭିଯୋଗ ହେଉଛି ।

ଏହାକୁ ନଜରରେ ରଖି ରାଜ୍ୟ ସରକାର ବାଲି ଗଚ୍ଛିତ ରଖିବା ପାଇଁ ଷ୍ଟୋରେଜ୍ ଲାଇସେନ୍ସ ଜାରି କରିବେ। ଏହା ବାଲି ସମେତ ବିଭିନ୍ନ ଲଘୁ ଖଣିଜ ପଦାର୍ଥ ପାଇଁ ଲାଗୁ ହେବ । ବିନା ଷ୍ଟୋରେଜ୍ ଲାଇସେନ୍ସରେ କେହି ବେଆଇନ ଭାବେ ବାଲି କି ଅନ୍ୟ କେ ?ଣସି ଲଘୁ ଖଣିଜ ପଦାର୍ଥ ଗଚ୍ଛିତ କରି ରଖିପାରିବେ ନାହିଁ। ଯିଏ ରଖିବେ ସରକାର ତାକୁ ଜବତ କରିବେ। ସେହିପରି ଓଭରଲୋଡ଼ିଂ ଏବଂ ହାଇଗ୍ରେଡ୍ ଖଣିଜ ପଦାର୍ଥକୁ ଲୋ-ଗ୍ରେଡ୍ ଦର୍ଶାଇ ହେଉଥିବା ଅନିୟମିତତା ଉପରେ ବି କାର୍ଯ୍ୟାନୁଷ୍ଠାନ ହେବ ।

## କ୍ରୁଜ୍‌ରେ ଭିତରକନିକା ବୁଲିବେ ପର୍ଯ୍ୟଟକ, ରାତିକୁ ୨୫ ହଜାର ଭଡ଼ା

**ଭଦ୍ରକ, ୨୩।୧୧:** ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ପର୍ଯ୍ୟଟକମାନେ କିଭଳି ଅଧିକ ଆକର୍ଷିତ ହୋଇ ଆସିବେ, ସେଥିପାଇଁ ଏକ ନୂଆ ଯୋଜନା ଆରମ୍ଭ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ରିଭର କ୍ରୁଜ ଆସିଛି। ନଦୀ ଭିତରେ ପର୍ଯ୍ୟଟକମାନେ ଏହି କ୍ରୁଜ୍‌ରେ ରାତ୍ରୀଯାପନ କରିବାର ମଜା ନେବେ। ଭିତରକନିକା, ଚାନ୍ଦବାଲି ଓ ଆରଡ଼ି ଶୈବପୀଠ ବୁଲିବାର ମଜା ନେବେ ପର୍ଯ୍ୟଟକ। କେନ୍ଦ୍ରାପଡ଼ାରୁ ଏହି କ୍ରୁଜ୍ ଜଳଯାତ୍ରା ଆରମ୍ଭ କରି ଗତକାଲି ଆରଡି ଠାରେ ପହଞ୍ଚିଥିଲା। ଏହାକୁ ଦେଖିବା ପାଇଁ ହଜାର ହଜାର ଲୋକ ରୁଣ୍ଡ ହୋଇଥିଲେ। ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କ୍ରୁଜ ଏକ ନୂଆ ଆକର୍ଷଣ ଆଣିଛି। ଚାରିଦିନ ଏବଂ ତିନି ରାତି ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଦେଇ ଜଣେ କପୁଲ୍ ରୁମ୍ ନେଇପାରିବେ। ଏହି କ୍ରୁଜ୍ ଭିତରେ ଶୀତତାପ ନିୟନ୍ତ୍ରିତ ଦୁଇଟି ରୁମ୍ ରହିଛି। ପର୍ଯ୍ୟଟକମାନେ ଏହି କ୍ରୁଜ୍ ? ଭିତରେ ରହି ବିଳାସମୟ ଜଳଯାତ୍ରାର ମଜା ନେଇପାରିବେ। ଯେଉଁ ପର୍ଯ୍ୟଟକ ଗୋଟିଏ ରାତି ପାଇଁ ଜଣେ ବ୍ୟକ୍ତିଙ୍କ ପାଇଁ ୨୫ ହଜାର ଟଙ୍କା ଦେଇ କ୍ରୁଜ୍‌ରେ ରହି ପାରିବ।

# ନିଶା ଦେଇ ନାବାଳିକାକୁ ଗଣଦୁଷ୍କର୍ମ

**ଖୋର୍ଦ୍ଧା, ୨୩।୧୧:** ନୂଆ ବସଷ୍ଟାଣ୍ଡରୁ ନାବାଳିକାଙ୍କୁ ଅପହରଣ ଘଟଣାରେ ସାମ୍ନାକୁ ଆସିଲା ସତ । ସମ୍ପର୍କୀୟଙ୍କ ସହ କଥା ହୋଇ ଗୋଟି ଗୋଟି କରି ସବୁ କଥା କହିଛନ୍ତି ନାବାଳିକା ଜଣକ । ଅଭିଯୋଗ ଅନୁସାରେ, ଏକ ପାଖିଆ ପ୍ରେମରେ ବିଫଳ ହେବା ପରେ ପ୍ରତିଶୋଧ ପରାୟଣ ହୋଇଉଠିଥିଲା ପ୍ରେମିକ ।

ଏହାପରେ ଗତ ୧୭ ତାରିଖରେ ନାବାଳିକାଙ୍କୁ ନୂଆ ବସଷ୍ଟାଣ୍ଡ ପାଖକୁ ଡାକି ନିଜ ସହଯୋଗୀମାନଙ୍କ ସହାୟତାରେ ଏକ କାରରେ ଅପହରଣ କରି



ନେଇଥିଲା । ନିଶା ଦେଇ ନାବାଳିକାଙ୍କୁ ଅଚେତ କରିଥିଲା ଅଭିଯୁକ୍ତ। ଚେତା ଫେରିଲା ବେଳକୁ ଏକ ରୁମ୍ ଭିତରେ ଉଲଗ୍ନ ଅବସ୍ଥାରେ ନିଜକୁ ଦେଖିବାକୁ ପାଇଥିଲେ ପୀଡ଼ିତା। ଏପରିକି ତାଙ୍କ ହାତ ଗୋଡ଼ ବନ୍ଧା ଯାଇଥିଲା। ଖାଲି ସେତିକି ନୁହେଁ, ଚେତା ଫେରିବା ପରେ ପୁଣିଥରେ ମୁହଁରେ ରୁମାଲରେ ନିଶା ଦେଇ ମୁହଁକୁ ଚାପି ରଖି ବେହୋସ କରାଯାଇଥିଲା। ତେବେ ଏନେଇ ମୁହଁ ଖୋଲିଛନ୍ତି ପୀଡିତାଙ୍କ ପରିବାର ।

**ନାବାଳିକାଙ୍କୁ ନୂଆ ବସଷ୍ଟାଣ୍ଡ ପାଖକୁ ଡାକି ନିଜ ସହଯୋଗୀମାନଙ୍କ ସହାୟତାରେ ଗଣଦୁଷ୍କର୍ମ**

ଜାଣିରଖିବା ଉଚିତ ଯେ, ଖୋର୍ଦ୍ଧା ଜିଲ୍ଲା ବାଘମାରି ଥାନା ଅଞ୍ଚଳରେ ନାବାଳିକା ନିଖୋଜ ଏବଂ ଦୁଷ୍କର୍ମ ଘଟଣା ଦିନକୁ ଦିନ ସମ୍ବେଦନଶୀଳ ହୋଇ ଉଠିଛି। ଘଟଣାକୁ ନେଇ ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଛଅ ଜଣିଆ ଟିମ୍ ପୀଡ଼ିତା ପରିବାରକୁ ଭେଟିବା ପାଇଁ ତାଙ୍କ ଗାଁ ଅଭିମୁଖେ ଯାଇଛନ୍ତି। ଏହି ଟିମ୍ ମଧ୍ୟ ଏସପିଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ ଏବଂ ପୀଡ଼ିତା ପରିବାରକୁ ନ୍ୟାୟ ଦାବି କରିଛି ।

## ୨୬୨ କୋଟି ମୂଲ୍ୟର ମାଦକ ଦ୍ରବ୍ୟ ଜବତ କଲା ଏନସିବ

**ନୂଆଦିଲ୍ଲୀ, ୨୩।୧୧:** ଦିଲ୍ଲୀରେ ବଡ଼ ଡ୍ରଗ୍ସ ରାକେଟର ପର୍ଦ୍ଦାଫାସ ହୋଇଛି । ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ, ଏନସିବି ଦିଲ୍ଲୀରେ ବଡ ରେଡ କରି ୨୬୨ କୋଟିରୁ ଅଧିକ ଟଙ୍କାର ଟଙ୍କାର ଡ୍ରଗ୍ସ ଧରିଛି । ପ୍ରଥମେ ଏକ ଫାର୍ମହାଉସରେ ଚଢାଉ ହୋଇଥିଲା । ପରେ ତଥ୍ୟ ଆଧାରରେ ଲଗାତାର ୩ ଦିନ ଧରି ରେଡ ପରେ ବେଳେ ଏତେ ପରିମାଣର ଡ୍ରଗ୍ସ ଜବତ ହୋଇଛି। ଏହାସହ ଅନ୍ତର୍ଜାତୀୟ ସ୍ତରରେ ସକ୍ରିୟ ଥିବା ସିନ୍ଥେଟିକ ଡ୍ରଗ୍ସ ରାକେଟର ପର୍ଦ୍ଦାଫାସ ହୋଇଛି । ଏହି ପୁରା ନେଟୱର୍କ ବିଦେଶ ଅପରେଟରଙ୍କ ନିର୍ଦ୍ଦେଶରେ କାମ କରୁଥିଲା । ଫାର୍ମହାଉସରେ ଚଢାଉ ପରେ ଦିଲ୍ଲୀ-ଏନସିଆରରେ ଅନେକ ଠିକଣାରେ ଚଢାଉ ହୋଇଥିଲା ଓ ସନ୍ଦିଗ୍ଧଙ୍କ ଗତିବିଧିକୁ ଟ୍ରାକ କରାଯାଇଥିଲା ।

## ଦୁର୍ଘଟଣାରେ ଚାଲିଗଲା ଡାକ୍ତରଙ୍କ ଜୀବନ, ମୃତକଙ୍କ ଚକ୍ଷୁ ଦାନ କଲେ ପରିବାର ଲୋକେ

**ଖୋର୍ଦ୍ଧା, ୨୩।୧୧ :** ୫୭ ନଂ ଜାତୀୟ ରାଜପଥର ପୁରୁସାହି ଛକ ନିକଟରେ ରବିବାର ବାଇକକୁ ତେଲ ଟ୍ୟାଙ୍କର ଧକ୍କା ଦେବାରୁ ଜଣେ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ଖଳିସାହି ଗ୍ରାମର ଅମରେନ୍ଦ୍ର ପ୍ରସାଦ (୩୫)। ତାଙ୍କ ମୃତ୍ୟୁ ପରେ ପରିବାର ଲୋକ ଅମରେନ୍ଦ୍ରଙ୍କ ଆଖି ଦାନ କରିଛନ୍ତି। ପରିବାର ଲୋକଙ୍କ ଏପରି ମହତ କାର୍ଯ୍ୟ ପାଇଁ ଅମରେନ୍ଦ୍ରଙ୍କ ଆଖିରେ ଅନ୍ୟ କେହି ଜଣେ ଦୁନିଆ ଦେଖିବାର ସୁଯୋଗ ପାଇବ।

ଅମରେନ୍ଦ୍ର ପୁରୀରୁ ଏକ ବାଇକ (ନଂ ଓଡି୦୨ ବିଏ-୦୭୯୪)ରେ ନିଜ ଗ୍ରାମ ଖଳିସାହି ଫେରୁଥିଲେ। ପୁରୁ ସାହି ଛକ ନିକଟରେ ତାଙ୍କ ବାଇକକୁ ଏକ ତେଲ ଟ୍ୟାଙ୍କର ଧକ୍କା ଦେଇଥିଲା। ଏଥିରେ ଅମରେନ୍ଦ୍ର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।





## ରାଜ୍ୟରେ ୨୪ ଘଣ୍ଟାରେ ୫ ହତ୍ୟାକାଣ୍ଡ



**ଭୁବନେଶ୍ୱର, ୨୩।୧୧:** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରର ମାଆ ଥାନପତି ଠାକୁରାଣୀଙ୍କ ପୀଠରେ ରକ୍ତର ଛିଟା । ଗାଡ଼ି ପାର୍କିଂକୁ ନେଇ ବୃଦ୍ଧଙ୍କୁ ହତ୍ୟା । ଆଜି ଅପରାହ୍ନରେ ମନ୍ଦିର ପରିସରରେ ରନ୍ଧା ଭୋଗ ଖାଇସାରିବା ପରେ ରାସ୍ତାରେ କାର ରଖି ଯୁବକମାନେ ହୋହଲ୍ଲା କରିଥିଲେ। ଏହାକୁ ବିରୋଧ କରିଥିଲେ ଗ୍ରାମବାସୀ। ଏହି ସମୟରେ ମନ୍ଦିର କମିଟି ସଦସ୍ୟ ବୁଦ୍ଧିଆ ସାହୁ, ଯୁବକ ମାନଙ୍କୁ ବୁଝାସୁଝା କରିବା ବେଳେ ତାଙ୍କୁ ଆକ୍ରମଣ କରିଥିଲେ ଉତ୍ତ୍ୟକ୍ତ ଯୁବକ। ଫଳରେ ବୁଦ୍ଧିଆଙ୍କର ମୃତ୍ୟୁ ହୋଇଛି । ରାଜନଗର ପୁଲିସ ଜଣେ ନାବାଳକ ସମେତ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

କନ୍ଧମାଳରେ ନିଶାସକ୍ତ ଯୁବକର ନାରକୀୟ କାଣ୍ଡ । କାଠ ଫାଳିଆରେ ପିଟିପିଟି ବୃଦ୍ଧଙ୍କୁ ହତ୍ୟା । ନୂଆଗାଁ ଥାନା ଯୁଗାପଦର ଗାଁରେ ଏଭଳି ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ମୃତକ ହେଲେ ଅଲେଖ ନାୟକ। ତେବେ କାହିଁକି ଘଟିଛି ହତ୍ୟାକାଣ୍ଡ, ତାର କାରଣ ଖୋଜୁଛି ପୁଲିସ । ସେପଟେ କୋରାପୁଟ ଜିଲ୍ଲା ସୁନାବେଡ଼ାରେ ମା’କୁ ହତ୍ୟା କରିଛି ପୁଅ । ତନ୍ତ୍ର ସାଧନା ପାଇଁ ମା’କୁ ବଳି ପକାଇଲା ପୁଅ। ଶରୀରକୁ ଖଣ୍ଡଖଣ୍ଡ କରି କାଟିଲା। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସହର ଉପରସାହିରେ ଏଭଳି ଲୋମଟାଙ୍କୁରା ଘଟଣା ଘଟିଛି। ପୁଲିସ ଅଭିଯୁକ୍ତ ପୁଅକୁ ଉଠାଇ ଆଣି ଥାନାରେ ଅଟକ ରଖିବା ସହ ପଚରାଉଚରା ଜାରି ରଖିଛି। ପୁଅ ବଳରାମ ଖରା (୨୫) ସହ ଗୋଟିଏ ଘରେ ରହୁଥିଲେ ବୃଦ୍ଧା ଭାନୁ ଖରା (୬୫)। ଗୁରୁବାର ରାତିରେ ପୁଅ ତନ୍ତ୍ର ସାଧନା ଆରମ୍ଭ କରିଥିଲା। ସାଧନାରେ ସିଦ୍ଧି ପାଇଁ ନିଜ ମା’କୁ ବଳି ପକାଇବାକୁ ପଛାଇ ନଥିଲା। ପ୍ରଥମେ ମା’ର ତଣ୍ଟି କାଟିବା ପରେ ଜିଭ ସହ ହାତ ଏବଂ ଗୋଡ଼ର ଆଙ୍ଗୁଠିଗୁଡ଼ିକୁ ଛୁରିରେ କାଟି ପକାଇଥିଲା। ପ୍ରଚୁର ରକ୍ତସ୍ରାବ ହୋଇ କିଛି ମିନିଟ୍ ମଧ୍ୟରେ ଭାନୁ ପ୍ରାଣ ହରାଇଥିଲେ। ଶୁକ୍ରବାର ସକାଳେ ବଳରାମ ଘରେ ପଡ଼ିଥିବା ରକ୍ତଛିଟାକୁ ପୋଛିବା ସମୟରେ ଭାନୁଙ୍କ ପୁତୁରା ରାମଚନ୍ଦ୍ର ଖରା ପହଞ୍ଚି ଯାଇଥିଲେ। ସନ୍ଦେହ ହେବାରୁ ଘରେ ଭିତରେ ପଶି ଯେଉଁ ଦୃଶ୍ୟ ଦେଖିଲେ ସେଥିରେ ଭୟରେ ଶିହରି ଉଠିଥିଲେ।

ଘର ଭିତରେ ପିଉସୀଙ୍କ ରକ୍ତ ଜୁଡୁବୁଡୁ ମରଶରୀର କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିଲା। ଏ ସଂପର୍କରେ ସେ ଆଖପାଖ ଲୋକଙ୍କୁ ଜଣାଇବା ସହ ସେମିଳିଗୁଡ଼ା ଥାନାରେ ଏତଲା ଦେଇଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ଏବଂ ସେମିଳିଗୁଡ଼ା ଥାନା ଆଇଆଇସି ଅନିତା କୁଜୁର ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତ ବଳରାମକୁ କାବୁ କରି ଥାନାକୁ ଆଣି ପଚରାଉଚରା କରୁଛନ୍ତି।

## ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୨.୨° |
| କଟକ: | ୨୯.୬° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୧୯.୧° |
| କଟକ: | ୧୫.୬° |

## ହାଲ୍‌ଚାଲ୍



ଆସିଲା ବାତ୍ୟା
କାଟିବ ବର୍ଷା
ପାଣି ବିଭାଗ କରିଲା ସ୍ପଷ୍ଟ
ଭୟରେ ରହିଲେ ଓଡ଼ିଶାବାସୀ
ଆଗକୁ ଖାଲି ଦେଖିବା କଥା।

# ହ୍ୱାଲୋ ବଲିଉଡ୍



## ଫିଲ୍ମ ସେଟ୍‌ରେ ଆହତ ହେଲେ ଶ୍ରଦ୍ଧା କପୁର

ବଲିଉଡ ଷ୍ଟାର ଶ୍ରଦ୍ଧା କପୁରଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସୁଛି। ଫିଲ୍ମ ସେଟରେ ଅଭିନେତ୍ରୀ ଆହତ ହୋଇଛନ୍ତି। ଶ୍ରଦ୍ଧା ବର୍ତ୍ତମାନ 'ଇଥା' ପାଇଁ ସୁଟିଂ କରୁଛନ୍ତି। ସୁଟିଂ ସମୟରେ ସେ ଆହତ ହୋଇଥିବା ସୂଚନା ମିଳିଛି। ତାଙ୍କର ଗୋଡ଼ ଭାଙ୍ଗିଯାଇଥିବା ରିପୋର୍ଟ ଆସିଛି। ତଥାପି, ଅଭିନେତ୍ରୀଙ୍କ ଟିମ୍ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ଶ୍ରଦ୍ଧା କପୁର ତାଙ୍କ ଆଗାମୀ ଫିଲ୍ମ 'ଇଥା' ପାଇଁ ଏକ ଲାବଣୀ ଡ୍ୟାନ୍ସର ସୁଟିଂ କରୁଥିଲେ। ନୌବାରୀ ଶାଢ଼ି, ଭାରୀ ଅଳଙ୍କାର ଏବଂ ଏକ କମରପଟି ପିନ୍ଧି ଶ୍ରଦ୍ଧା ସୁଟିଂ ସମୟରେ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ରିପୋର୍ଟ ଅନୁଯାୟୀ ଶ୍ରଦ୍ଧାଙ୍କ ଆଘାତ ଯୋଗୁଁ ସୁଟିଂ କିଛି ଦିନ ପାଇଁ ବନ୍ଦ କରାଯାଇଛି। ଟିମ୍ ଦୁଇ ସପ୍ତାହ ମଧ୍ୟରେ ପୁଣି କାମ ଆରମ୍ଭ କରିବ। ଶ୍ରଦ୍ଧା କପୁରଙ୍କ ପ୍ରଶଂସକମାନେ ଚିନ୍ତିତ ହୋଇ ପଡିଛନ୍ତି। ତାଙ୍କ ଟିମ୍ ଏପର୍ଯ୍ୟନ୍ତ ଅଭିନେତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୌଣସି ସୂଚନା ଦେଇନାହିଁ। ଫିଲ୍ମଟି ମଡ୍ ଆଇଲ୍ୟାଣ୍ଡରେ ସୁଟିଂ କରାଯାଉଥିଲା। ଶ୍ରଦ୍ଧା କପୁର ସେଠାରେ ଡ୍ୟାନ୍ସ ଏବଂ ଅନେକ ଭାବପ୍ରବଣ ସିନ୍ ଶୁଟ୍ କରିଥିଲେ। ନିର୍ମାତା ତାଙ୍କ ଆଘାତ ଯୋଗୁଁ ସୁଟିଂ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଶ୍ରଦ୍ଧା ଶୀଘ୍ର ସୁସ୍ଥ ହୋଇ ପୁଣି ଥରେ ଫିଲ୍ମ ସୁଟିଂକୁ ଫେରିବେ ବୋଲି ଆଶା କରାଯାଉଛି।

ନୈନିତାଲରେ ଛାତିଥରା ଦୁର୍ଘଟଣା

# ୬୦ ମିଟର ଖାଇକୁ ଖସିଲା କାର୍ ୩ ମୃତ

*ଅଲମୋଡ୍ଡାରୁ ହଲଦ୍ୱାନୀ ଯାଉଥିବା ଏକ ବିବାହ ପାର୍ଟିକୁ ନେଇ ଯାଉଥିବା କାର ହଠାତ୍ ନିୟନ୍ତ୍ରଣ ହରାଇ ୬୦ ମିଟର ଗଭୀର ଖାଇକୁ ଖସିପଡ଼ିଲା।*





**ନୂଆଦିଲ୍ଲୀ :** ଉତ୍ତରାଖଣ୍ଡରେ ଭୟଙ୍କର ଦୁର୍ଘଟଣା । ନୈନିତାଲର କୈଞ୍ଚି ଧାମ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଅଲମୋଡ୍ଡାରୁ ହଲଦ୍ୱାନୀ ଯାଉଥିବା ଏକ ବିବାହ ପାର୍ଟିକୁ ନେଇ ଯାଉଥିବା କାର ହଠାତ୍ ନିୟନ୍ତ୍ରଣ ହରାଇ ୬୦ ମିଟର ଗଭୀର ଖାଇକୁ ଖସିପଡ଼ିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ସୂଚନା ପାଇବା ପରେ ଏସଡିଆରଏଫ୍ ଏବଂ ସ୍ଥାନୀୟ ପୋଲିସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଶନିବାର ବିଳମ୍ବିତ ରାତିରେ ଖୈରନା ପୋଲିସକୁ ସୂଚନା ମିଳିଥିଲା ଯେ ଏକ ୫ଟଠ କୈଞ୍ଚି ଧାମ ନିକଟ ଖାଇରେ ଖସି ପଡ଼ିଛି। ଗାଡ଼ିରେ ଚାରି ଜଣ ଥିବା ନେଇ ଜଣାପଡିଥିଲା। ଏସଡିଆରଏଫ୍ ଖୈରନାରେ ପହଞ୍ଚି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣାସ୍ଥଳରେ ଏସଡିଆରଏଫ୍ ଟିମ୍ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ଖାଇଟି ଅତ୍ୟନ୍ତ ଗଭୀର ଓ ପାହାଡ଼ି ଅଞ୍ଚଳ ଦୁର୍ଗମ ଥିବା ଯୋଗୁଁ ରାତିର ଅନ୍ଧାର ଉଦ୍ଧାର କାର୍ଯ୍ୟ ଆହୁରି କଷ୍ଟକର ହୋଇଥିଲା।

ଏହା ସତ୍ତ୍ୱେ କର୍ମଚାରୀମାନେ ସମୟ ନଷ୍ଟ ନକରି ଅପରେସନ୍ ଆରମ୍ଭ କରିଥିଲେ। ଗାଡ଼ି ପାଖରେ ପହଞ୍ଚିବା ପାଇଁ ଟିମକୁ ରଶି ଏବଂ ଷ୍ଟ୍ରେଚର ବ୍ୟବହାର କରିବାକୁ ପଡିଲା।ଉଦ୍ଧାରକାରୀ ଦଳ ଜଣେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଯାଇଥିଲା। ଦୁର୍ଘଟଣାରେ ଘଟଣାସ୍ଥଳେ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା। ଗଭୀର ଖାଇରୁ ମୃତଦେହ ଉଦ୍ଧାର କରି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲା। ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇଛି।



## କୋଟାରେ ଇଞ୍ଜିନିୟରିଂ ଛାତ୍ରଙ୍କ ଆତ୍ମହତ୍ୟା ଅଭିଯୋଗ

**ଜୟପୁର:** ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ସେଣ୍ଟରର କେନ୍ଦ୍ର ଭାବେ ପରିଚିତ ରାଜସ୍ଥାନର କୋଟାରେ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି । ୯ ମହଲା କୋଠାରୁ ସେ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି । ୧୭ ବର୍ଷୀୟ ଏହି ଛାତ୍ରଙ୍କ ଘର ମଧ୍ୟପ୍ରଦେଶର ଭୋପାଳରେ । ଜବାହରନଗର ଅଞ୍ଚଳରେ ଥିବା ରୟାଲ ଇମ୍ପେରିଆ ଅଟ୍ଟାଳିକାରେ ନିଜ ମା'ଙ୍କ ସହ ରହୁଥିଲେ । ଗତ ଦୁଇବର୍ଷ ହେଲା ସେ ଏଠାରେ ରହି ଜେଇଇ ପାଇଁ ପ୍ରସ୍ତୁତି କରୁଥିଲେ । ଶୁକ୍ରବାର ୯ ମହଲାରୁ ସେ ପଡିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଇଥିଲା । ଶନିବାର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ସେ ପୁଲିସ କହିଛି କି ସେ ଦୁର୍ଭାଗ୍ୟବଶତଃ ଖସି ପଡିଛନ୍ତି ନା ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ଘଟଣା ଘଟିବା ବେଳେ ଛାତ୍ରଙ୍କ ମା ଘରେ ନଥିଲେ । ଫରେନସିକ ବିଶେଷଜ୍ଞ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି । ତଦନ୍ତରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ।

# ଢାକା ଓ ଦେଶର କିଛି ସ୍ଥାନରେ ୫.୭ ତୀବ୍ରତାର ଭୂକମ୍ପ ଝଟକା

*ଅଧିକାରୀମାନେ କହିଛନ୍ତି ଯେ, ଢାକାରେ ତିନି ଜଣ ଲୋକ ଓ ନାରାୟଣଗଞ୍ଜରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ମିଡ଼ିଆ ସାରା ଦେଶରେ ପ୍ରାୟ ୫୦ ଜଣ ଲୋକଙ୍କ ଆହତ ହେବାର ଖବର ଦେଇଛି।*



**ଢାକା :** ବାଂଲାଦେଶରେ ୫.୭ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଶୁକ୍ରବାର ଆସିଥିବା ଏହି ଭୂକମ୍ପର ଝଟକା ରାଜଧାନୀ ଢାକା ଓ ଦେଶର କିଛି ସ୍ଥାନରେ ପ୍ରଭାବିତ ହୋଇଛି, ଯେଉଁଥିରେ ନବଜାତ ଶିଶୁ ସମେତ ପାଖାପାଖି ୪ଜଣ ଲୋକଙ୍କ ମୃତ୍ୟୁ ହୋଇଛି, ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି, ଅନେକ ସ୍ଥାନରେ ନିଆଁ ଲାଗି ଯାଇଛି ଏବଂ ନିବାସୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ଢାକାରେ ତିନି ଜଣ ଲୋକ ଓ ନାରାୟଣଗଞ୍ଜରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ମିଡ଼ିଆ ସାରା ଦେଶରେ ପ୍ରାୟ ୫୦ ଜଣ ଲୋକଙ୍କ ଆହତ ହେବାର ଖବର ଦେଇଛି।

ବାଂଲାଦେଶର ପାଣିପାଗ ବିଜ୍ଞାନ ବିଭାଗ କହିଛି ଯେ, ଭୂକମ୍ପ ସ୍ଥାନୀୟ ସମୟାନୁସାରେ, ସକାଳ ୧୦ଟା ୩୮ ମିନିଟ୍‌ରେ ହୋଇଥିଲା ଏବଂ ଏହାର କେନ୍ଦ୍ର ଢାକାର ଉତ୍ତର-ପୂର୍ବ ବାହ୍ୟ ଅଞ୍ଚଳରେ ଥିବା ନରସିଙ୍ଗଡାରେ ୧୦ କିଲୋମିଟରର ଗଭୀରତାରେ ଅବସ୍ଥିତ ଥିଲା। ଏହି ସ୍ଥାନ ଢାକାର ଅଗରଗାଁ ଅଞ୍ଚଳରେ ଭୂକମ୍ପର କେନ୍ଦ୍ରରୁ ପାଖାପାଖି ୧୩ କିଲୋମିଟର ପୂର୍ବରେ ରହିଛି। ଢାକାର ପୁଲିସ କମିଶନର ମଲିକ୍ ଅହସାନ ଉଦ୍ଦିନ ସାମୀ ଅଗ୍ନିଶମ ସେବାର ଅନୁସାରେ କହିଛନ୍ତି ଯେ, ପୁରୁଣା ଢାକାର ଅରମାନିଟୋଲା ଅଞ୍ଚଳରେ ଏକ ପାଞ୍ଚ ମହଲା କୋଠାର ରେଲିଂ, ବାଉଁଶ ଭାରା ଓ ଭଗ୍ନାବଶେଷ ଖସି ପଡ଼ିବାରୁ ଅତି କମ୍‌ରେ ତିନି ଜଣ ଲୋକଙ୍କ ମୃତ୍ୟୁ ହୋଇଛି।

ସେ କହିଛନ୍ତି ଯେ,ଭିଡ଼ ଅଞ୍ଚଳରେ ଜଣେ ପଥଚାରୀ ଗୁରୁତର ରୂପେ ଆହତ ହୋଇଛନ୍ତି। ସାମୀ ସ୍ପଷ୍ଟ କରିଛନ୍ତି ଯେ, ଆହତଙ୍କ ମଧ୍ୟରେ ଜଣେ ମେଡିକାଲ ଛାତ୍ର ଥିଲେ, ଯିଏ ନିଜ ମାଆଙ୍କ ସହ ମାଂସ କିଣିବାକୁ ଆସି ଥିଲେ। ସେ କହିଥିଲେ ଯେ, ସେ ଗୁରୁତର ରୂପେ ଆହତ ହୋଇଛନ୍ତି ଏବଂ ତାଙ୍କୁ ତୁରନ୍ତ ସର୍ଜରୀ ଆବଶ୍ୟକ ଅଛି। ସ୍ଥାନୀୟ ମିଡ଼ିଆ ରିପୋର୍ଟ ଅନୁସାରେ, ମୃତକଙ୍କ ମଧ୍ୟରେ ଜଣେ ଆଠ ବର୍ଷର ପିଲା ଥିଲା, ଯାହାର ପରିଚୟ ଏବେସୁଦ୍ଧା ହୋଇ ପାରି ନାହିଁ।

ଚତୁର୍ଥ ମୃତ୍ୟୁ ନାରାୟଣଗଞ୍ଜରେ ହୋଇଛି , ଯେଉଁଠି ମାଆ କୋଳରେ ଏକ ନବଜାତ ଶିଶୁର ଏହି ସମୟରେ ମୃତ୍ୟୁ ହୋଇଛି, ଯେବେ ଏହି ଲୋକ ଭୂକମ୍ପ କାରଣରୁ ଭୁଶୁଡ଼ି ଥିବା କାନ୍ଥ ନିକଟରେ ଚାଲି ଚାଲି ଯାଉ ଥିଲେ। ଭୂକମ୍ପ ପରେ ପୁରୁଣା ଢାକାରେ ଥିବା ସୁତରାପୁରର ସ୍ୱାମୀବାଗ ଅଞ୍ଚଳରେ ଆଠ ମହଲା ଏକ କୋଠା ନିକଟରେ ଥିବା ଆଉ ଏକ କୋଠା ଉପରକୁ ଢଳି ପଡ଼ିଥିବା ଖବର ମିଳିଛି, ଯାହାକି କାଲାବାଗାନ ଅଞ୍ଚଳରେ ଏକ ସାତ-ମହଲା କୋଠା ଝୁଲି ରହିଥିବାର ଦେଖାଯାଇଛି ।ହେଲେ ଅଗ୍ନିଶନ ଅଧିକାରୀଙ୍କ କହିବାନୁସାରେ , ତାହା ଗଠନାତ୍ମକ ରୂପେ ସୁରକ୍ଷିତ ଅଛି।

ଢାକାର ଆଲିଶାନ ବରିଧାରା ଅଞ୍ଚଳରେ ଭୂକମ୍ପର ଝଟକାର ତୁରନ୍ତ ପରେ ଏକ ଘରେ ନିଆଁ ଲାଗି ଯାଇଛି। କିନ୍ତୁ ଦମକଳ କର୍ମଚାରୀ ଏହି ସ୍ପଷ୍ଟ କରି ପାରି ନାହାନ୍ତି ଯେ, ଏହାର ସମ୍ବନ୍ଧ ଭୂକମ୍ପ ସହ ଥିଲା ନା ନାହିଁ।

## ଶୁଦ୍ଧିକ୍ରିୟା ସହାୟତା ଯୋଗାଇଲା ଭରସା ପରିବାର

**କେନ୍ଦୁଝର:** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡା ପଂଚାୟତ ନୂଆପଡା ଝାପା ସାହିରେ ଦିନ ମଜୁରିଆ ସ୍ୱର୍ଗତ ରାମ ମହାରଣା ଙ୍କ ସ୍ତ୍ରୀ ଅନୁସା ମହାରଣା ଦୀର୍ଘ ଦିନ ଧରି ରୋଗରେ ପୀଡିତ ରହିଥିଲେ। ଗତ ୧୦ ତାରିଖ ଦିନ ଅନୁସା ମହାରଣା ଙ୍କ ମୃତ୍ୟୁ ଘଟିଥିଲା। ଶବ ସତ୍କାର ପାଇଁ ତାଙ୍କ ଝିଅ ଭରସା ପରିବାର କୁ ସାହାଯ୍ୟ ମାଗି ଥିଲେ। ଖବର ପାଇ ଭରସା ପରିବାର ପାଟଣା ବ୍ଲକ ସଭାପତି ସୁମନୁ ବାରିକ ଓ ଅନ୍ୟ ସମସ୍ତ ସଦସ୍ୟ ପିଡିତା ଙ୍କ ଘରେ ପହଂଚି ଶବ ସତ୍କାର କରିଥିଲେ । ଆଜି ତାଙ୍କର ଦଶାହ କର୍ମ ରେ ଭରସା ପରିବାର ଚାଉଳ ଡାଲି ପନିପରିବା ଆଦି ଅନ୍ୟାନ୍ୟ ଶୁଖୁଲା ଖାଦ୍ୟ ନେଇ ତାଙ୍କ ଝିଅ ବିନତି ଲୋହାର ଙ୍କୁ ଦେଇଛନ୍ତି। ଏହି ସହାୟତା ପାଇ ଝିଅ ବିନତି ଭରସା ପରିବାର ଧନ୍ୟବାଦ ଜଣାଇ ଛନ୍ତି ।ସହାୟତା ପ୍ରଦାନ ବେଳେ ଭରସା ବାରିବାରର ସୁମନୁ କୁମାର ବାରିକ, ଚନ୍ଦ୍ରହାସ୍ୟ ବେହେରା,ଜ୍ୟୋତିରଞ୍ଜି ସାମଲ, ଅରୁଣ କୁମାର ମହାନ୍ତି, ଲୋହିତ ରଞ୍ଜନ ମହାପାତ୍ର, ଡମ୍ବରୁଧର ମହାନ୍ତି, ଭରତ ଚନ୍ଦ୍ର ବାରିକ, କ୍ଷେତ୍ରବାସୀ ମହାରଣା, ଦଶରଥ ବାରିକ୍ ଉପସ୍ଥିତ ରହିଥିଲେ ।

## ଦିଲ୍ଲୀରେ ଘାତକ ହେଉଛି ବାୟୁପ୍ରଦୂଷଣ



**ନୂଆଦିଲ୍ଲୀ :** ଦିଲ୍ଲୀରେ ଘାତକ ହେଉଛି ବାୟୁ ପ୍ରଦୂଷଣ। ନିଶ୍ୱାସ ନେବାରେ ହେଉଛି କଷ୍ଟକର। ଶନିବାର ଦିନ ଏଠାକାର ବାୟୁ ଆହୁରି ବିଷାକ୍ତ ହୋଇଗଲାଣି। ୧୨ଟି ଅଞ୍ଚଳରେ ଇଛଓ ୪୦୦ ପାର । ବଢୁଥିବା ପ୍ରଦୂଷଣର ପ୍ରତିକ୍ରିୟାରେ ସରକାର ଏକ ପରାମର୍ଶ ଜାରି କରିଛନ୍ତି।

ଏହି ପରାମର୍ଶରେ ଘରୋଇ ପ୍ରତିଷ୍ଠାନ ଗୁଡ଼ିକୁ ୱାର୍କଫର୍ମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାର ବାୟୁ ଗୁଣବତ୍ତା ପରିଚାଳନା କମିଶନର ନିର୍ଦ୍ଦେଶ ଅନୁଯାୟୀ ରାଜଧାନୀରେ ଥିବା ଘରୋଇ କାର୍ଯ୍ୟାଳୟ ପାଇଁ ଏକ ନୂତନ ପରାମର୍ଶ ଜାରି କରିଛନ୍ତି। ଏହା ଅଧୀନରେ, ଘରୋଇ କାର୍ଯ୍ୟାଳୟ ଗୁଡ଼ିକ ଏବେ ସେମାନଙ୍କର ୫୦% କର୍ମଚାରୀଙ୍କ ସହିତ ସ୍ଥାନରେ କାର୍ଯ୍ୟ କରିବେ। ଯେତେବେଳେ ବାକି କର୍ମଚାରୀମାନେ ଘରେ ରହି କାମ କରିପାରିବେ। ପ୍ରଦୂଷଣ ପରିସ୍ଥିତିକୁ ସନ୍ତୁଳିତ କରିବା ପାଇଁ ଏକ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି।

କ୍ରମାଗତ ଭାବରେ ବଢୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି, ଉତ୍ତର ପ୍ରଦେଶ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ନୋଏଡା ଏବଂ ଗାଜିଆବାଦରେ ଡିଜେଲ ଅଟୋରିକ୍ସାକୁ ତୁରନ୍ତ ନିଷିଦ୍ଧ କରାଯାଇଛି। ଘଉଜ ଏବଂ ଆଖପାଖ ଅଞ୍ଚଳରେ ଉଇଛଗ ଗ୍ରେପ୍-୩ ନିୟମକୁ ମଧ୍ୟ କଠୋର କରିଛି।

## ଧର୍ମାନ୍ତରୀକରଣ ବିରୋଧରେ ତାତିଲେ ଗାଁ ମହିଳା

**ମାଲକାନଗିରି,:** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତ ଅନ୍ତର୍ଗତ ନାଲିଗୁଡା ଓ ରେନସୁଭାଟା ଗାଁ ମହିଳା ମାନେ ଧର୍ମାନ୍ତରୀକରଣ ଓ ଏହାର କାର୍ପଟଦାର ମାନଙ୍କ ବିରୋଧରେ ଏକଜୁଟ ହେବାସହ ଲିଖିତ ଆକାରରେ କୁଡୁମୁଲୁଗୁମ୍ମା ଫାଣ୍ଡିରେ ଆଜି ଏତଲା ଦେଇଛନ୍ତି । ପ୍ରକାଶ ଥାଉକି, ଗତ ୧୬ ତାରିଖରେ ନାଲିଗୁଡା ଠାରେ ନିର୍ମିତ ଚର୍ଚ୍ଚକୁ କିଛି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ଖ୍ରିଷ୍ଟିଆନ ସମାଜ ପକ୍ଷରୁ ଦିଆଯାଇଥିଲା ଯାହାକୁ ସେହି ଗ୍ରାମର ଲୋକ ଓ ମହିଳାମାନେ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିବା ସହ କହିଥିଲେ ଯେ, ଯେଉଁମାନଙ୍କ ନାମରେ ଅଭିଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା ପ୍ରରୋଚନା ଓ ପରିକଳ୍ପିତ । ଏଭଳି ମିଥ୍ୟା ଅଭିଯୋଗ ଦେଇ ସେମାନେ ଆମ ମନୋବଳକୁ ଦୁର୍ବଳ କରିବାକୁ ପ୍ରୟାସ କରିବା ସହ ଏହି ଅଂଚଳରେ କିଛି ପ୍ରଲୋଭନ ଓ କିଛି ଚକ୍ରାନ୍ତକାରୀଙ୍କ ଦ୍ୱାରା ନିରୀହ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ମିଥ୍ୟା ମନ୍ତବ୍ୟ ଦେଇ ଧର୍ମାନ୍ତରୀକରଣ କାୟାକୁ ଆହୁରି ସୁଦୃଢ଼ ଓ ପ୍ରସାରିତ କରିବା ମୁଖ୍ୟ ହୀନ ଉଦ୍ଦେଶ୍ୟ । ଆଜି ଏକ ବିବାଦୀୟ ଘଟଣାକ୍ରମେ ଉକ୍ତ ଅଂଚଳର ଚର୍ଚ୍ଚକୁ, କୁଡୁମୁଲୁଗୁମ୍ମାର ଜଣେ ପାଷ୍ଟର ଏସ୍.ଆମୋସଙ୍କ ନେତୃତ୍ୱରେ ୫ ଜଣ ଖ୍ରିଷ୍ଟ ସମାଜର ବ୍ୟକ୍ତି ବିଶେଷ ଯାଇ ଭଙ୍ଗା ଘରର ତାଲା ଖୋଲି ପ୍ରବେଶ କରିଥିଲେ, କିନ୍ତୁ ସେହି ସମୟରେ ରେନସୁଭଟା ର କିଛି ଆଦିବାସୀ ମହିଳା ସେହି ବାଟ ଦେଇ କୁଡୁମୁଲୁଗୁମ୍ମା ଆସୁଥିବା ବେଳେ ଘଟଣାକୁ ଦେଖିଥିଲେ । ବିନା ପ୍ରଶାସନ ଅନୁମତିରେ ସେହି ବିବାଦୀୟ ଭଙ୍ଗା ଚର୍ଚ୍ଚକୁ କାହିଁକି ପ୍ରବେଶ କଲେ ବୋଲି ପଚାରିଥିଲେ, ଏତିକି ଶୁଣି ପାଷ୍ଟର ଚିହିଁକି ଉଠିବା ସହ କହିଥିଲେ ଯେ, ଉକ୍ତ ଘରକୁ ଆମେ ନୂତନ ଭାବେ ସ୍ଲାବ କରିବୁ ଓ ଏଥିରେ ତୁମର କିଛି ଆବଶ୍ୟକତା ନାହିଁ କହିବା ସହ ନାନା ଅଶ୍ଳୀଳ ଭାଷାରେ ସେମାନଙ୍କ ଜାତି ଓ ଖାସକରି ହିନ୍ଦୁ ଧର୍ମକୁ ଆକ୍ଷେପ କରି ଗାଳିଗୁଲଜ କରିଥିଲେ ବୋଲି ମହିଳା ମାନେ ଅଭିଯୋଗ କରିଛନ୍ତି।

# ଖୁବ୍‌ଶୀଘ୍ର ଭେନେଜୁଏଲା ଉପରେ ଆଟାକ୍ କରିବେ ଟ୍ରମ୍ପ



**ନୂଆଦିଲ୍ଲୀ:** ଭେନେଜୁଏଲାରେ କେତେବେଳେ ବି ଆକ୍ରମଣ କରିପାରେ ଆମେରିକା । ପ୍ରସ୍ତୁତ ହୋଇ ସାରିଛି ସବୁ ରଣନୀତି । ଯୁଦ୍ଧ ଜାହାଜଠୁ ଆରମ୍ଭ କରି ଯୁଦ୍ଧପୋତ ବି ତୟାର । କେବଳ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଅପେକ୍ଷା । ଆଉ ଏକ ସମ୍ଭାବ୍ୟ ଯୁଦ୍ଧକୁ ନେଇ ଏବେ ସାରା ବିଶ୍ୱ ଭୟଭୀତ ରହିଛି । କାରଣ ଏଥିରେ ସିଧାସଳଖ ଆମେରିକା ହସ୍ତକ୍ଷେପ କରୁଛି ।

ଗତ କିଛିଦିନ ଧରି ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ଯାହା ଚରମ ସୀମାରେ ପହଁଚିଲାଣି । ଆମେରିକାର ୪ ଜଣ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆଗାମୀ ଦିନରେ ଭେନେଜୁଏଲାରେ ବଡ ଧରଣର ଅପରେସନ ହେବ । କିନ୍ତୁ ଏନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ । କିନ୍ତୁ ଯୁଦ୍ଧର ଚର୍ଚ୍ଚା ଘନେଇବାରେ ଲାଗିଛି ।

ସେମାନେ କହିଛନ୍ତି ଯେ, ପ୍ରଥମେ ଗୁପ୍ତ ବା ଗୋପନୀୟ ଅପରେସନ କରାଯିବ । ଅର୍ଥାତ ସମୁଦ୍ର ମାର୍ଗରୁ ଆକ୍ରମଣ ହୋଇପାରେ । ଯାହା ଗତ କିଛି ଦିନ ଧରି କାରବିୟାନ ଅଂଚଳରେ ବଢୁଥିବା ଯୁଦ୍ଧ ଜାହାଜରୁ ଅନୁମାନ କରାଯାଉଛି । ତେବେ ହ୍ୱାଇଟ୍ ହାଉସ୍ କିମ୍ବା ସିଆଇଏ ଏଦିଗରେ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛି ।

**ଗୁପ୍ତ ଅପରେସନରୁ ଆରମ୍ଭ ହେବ ଯୁଦ୍ଧ**

ଆମେରିକା ଦୀର୍ଘ ସମୟ ଧରି ଦାବି କରୁଥିଲା ଯେ, ନିକୋଲାସ ମାଦୁରୋ ସରକାର ବେଆଇନ ନିଶା କାରବାରରେ ସାମିଲ ଅଛନ୍ତି । ଯାହାକୁ ମାଦୁରୋ ଖାରଜ କରୁଛନ୍ତି । ତେଣୁ ଭେନେଜୁଏଲା ସରକାରକୁ ହଟାଇବା ପାଇଁ ୟୁଏସ ପ୍ରସ୍ତୁତି ଆରମ୍ଭ କରିଥିଲା । ତେବେ ୟୁଏସ ତାଙ୍କ ସରକାର ହଟାଇବାକୁ ଚାହୁଁଛନ୍ତି । ଦେଶର ଜନତା ଏବଂ ସେନା ଏହାର ବିରୋଧ କରିବେ ବୋଲି ଭେନେଜୁଏଲା ରାଷ୍ଟ୍ରମୁଖ୍ୟ ପ୍ରକାଶ କରିଥିଲେ ।

କେବଳ ଏତିକି ନୁହେଁ ଏସବୁ ମଧ୍ୟରେ ଆମେରିକାର ସିଭିଏଲ ଆଭିଏସନ ଭେନେଜୁଏଲା ଉପରେ ଉଡାଣ ଭରିବା ସମୟରେ ସତର୍କ ରହିବାକୁ କହିଥିଲା । ଅନ୍ୟଦିଗରେ କିଛି ଅନ୍ତରାଷ୍ଟ୍ରୀୟ ଏୟାର ଲାଇନ୍ ଭେନେଜୁଏଲା ଦେଇ ଉଡାଣକୁ ରଦ୍ଦ କରିଛନ୍ତି । ଅନ୍ୟ ଦିଗରେ ଆମେରିକା ସରକାର ଭେନେଜୁଏଲାର ଅନେକ ସଙ୍ଗଠନକୁ ଆତଙ୍କବାଦୀ ଘୋଷଣା କରିବାକୁ ଯାଉଛନ୍ତି । ଯାହା ଉଭୟ ଦେଶ ମଧ୍ୟରେ ଯୁଦ୍ଧକୁ ଆରମ୍ଭ କରିବା ନେଇ ଆଶଙ୍କା କରାଯାଉଛି ।

## ରାଶିଫଳ

**ମେଷ:** ତୃତୀୟଚନ୍ଦ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ସାହାଯ୍ୟ, ସହଯୋଗ ମିଳିବ । ସୁଖବର, ସୁସମ୍ବାଦ ପ୍ରାପ୍ତିହେବ ଏବଂ ସମସ୍ତକର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ ।

**ବୃଷ :** କୃଷ୍ଣ ପକ୍ଷର ଦ୍ୱିତୀୟଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର କଲା ବେଳେ ସତର୍କ ହେବେ । ଧନକୁ ନେଇ ବିବାଦ ଏବଂ ମାଲିମକଦ୍ଦମାରେ ପଡ଼ିପାରନ୍ତି । ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ଅସମର୍ଥ ହେବେ ।

**ମିଥୁନ :** ଶ୍ରୀଚନ୍ଦ୍ର, ଶୁକ୍ରବାର ଏବଂ ରାହୁଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତିହେବ । ଆମୋଦ ପ୍ରମୋଦ ଏବଂ ମଉଜମଜଲିସ୍‌ରେ ଅଧିକ ଆଗ୍ରହ ରହିବ ।

**କର୍କଟ :** ଦ୍ୱାଦଶଚନ୍ଦ୍ର ଯୋଗୁ ମନରୁ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ଲୋପ ପାଇବ ଏବଂ ଅଯଥା ଖର୍ଚ୍ଚ, ବଦ୍‌ଖର୍ଚ୍ଚ ଓ ପରିବାରର ଖର୍ଚ୍ଚ ଭାର ଅପେକ୍ଷାକୃତ କମ୍‌ରହିବ । କୁସଙ୍ଗ ପରିତ୍ୟାଗ କରି ସତ୍‌ସଙ୍ଗ କରିବେ ଏବଂ ଅନୁଚିତ୍ କର୍ମରୁ ବିଚ୍ୟୁତ ହୋଇ ଉଚିତ୍‌କର୍ମରେ ମନୋନିବେଶ କରିବେ ।

**ସିଂହ :** ଏକାଦଶ ଚନ୍ଦ୍ର ଯୋଗୁ ଆୟର ମାର୍ଗ ଅତି ଉତ୍ତମ ରହିବ ଏବଂ ନୂତନ ଆୟର ପନ୍ଥା ଖୋଲିବ । ଅନ୍ୟକୁ ଦେଇଥିବା ଧନ ଆଦାୟ ହେବ ଏବଂ ବକେୟା ଧନ ଆଦାୟ ହେବାରେ ସମୟ ସହାୟକ ହେବ । ନୂତନ ଭୂମି, ଯାନବାହନ କ୍ରୟକରିବେ ।

**କନ୍ୟା :** ଘାତଚନ୍ଦ୍ର, ଘାତତିଥି ଏବଂ ରାହୁଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ବାଦବିବାଦ, ସ୍ୱାସ୍ଥ୍ୟ, ଯାନବାହନ ଆରୋହଣ ଏବଂ ଯେକୌଣସି କର୍ମକରିବା ପୂର୍ବରୁ ସତର୍କ ହେବେ । ଉଚିତ୍‌କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଆଗ୍ରହ ରଖିବେ ।

**ତୁଳା:** କୃଷ୍ଣପକ୍ଷର ନବମ ଚନ୍ଦ୍ର ଯୋଗୁ ମାନସମ୍ମାନ, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର, ନିଜର ପ୍ରିୟବନ୍ଧୁ କିମ୍ବା ପୁରାତନ ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ । ମନ ଅସ୍ଥିର ରହିବ ଏବଂ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ ।

**ବିଛା :** ଅଷ୍ଟମଚନ୍ଦ୍ର, ସକାଳ ୬ଟା ୩୫ ମିନିଟ୍ ପରେ ଅଷ୍ଟମୀତିଥି ଏବଂ ଘାତବାର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଧନ କ୍ଷତି, ମାନସିକ ଅସ୍ଥିରତା ଏବଂ ଶାରୀରିକ ପୀଡ଼ା ଭୋଗିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟତୁଳନାରେ ବଦଖର୍ଚ୍ଚ ଅଧିକ ହେବ ।

**ଧନୁ :** ଘାତବାର ଏବଂ ସପ୍ତମଚନ୍ଦ୍ର ଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ । ମୂଲ୍ୟବାନ ଧାତୁ, ବସନଭୂଷଣ ଏବଂ ଘରୋଇ ଉପକରଣ କ୍ରୟ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟଉତ୍ତମ ହେବ ।

**ମକର :** ଷଷ୍ଠଚନ୍ଦ୍ର, ଛଅ ତାରିଖ, ଅଷ୍ଟମୀତିଥି ଏବଂ ଶୁକ୍ରବାର ଯୋଗୁ ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କ ସହବନ୍ଧୁତା ଏବଂ ସମସ୍ତକର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ ।

**କୁମ୍ଭ :** କୃଷ୍ଣପକ୍ଷର ପଞ୍ଚମ ଚନ୍ଦ୍ର, ଘାତ ନକ୍ଷତ୍ରଯୋଗୁ ମନରେ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି ଏବଂ ଦୂରଦୃଷ୍ଟି ଲୋପ୍ ପାଇବ । ମନ ବିଷାଦଗ୍ରସ୍ତ, ଚାପଗ୍ରସ୍ତ ରହିବ ।

**ମୀନ :** ଚତୁର୍ଥ ଚନ୍ଦ୍ର, ଘାତବାରଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନ ଅସ୍ଥିର ରହିବ ଏବଂ ନିଜର ଲୋକଙ୍କ ସହ ବିବାଦ କିମ୍ବା ମତାନ୍ତର ହୋଇପାରେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ନୂତନ ପରିବହନ ବ୍ୟବସାୟର ସୁଯୋଗ ଜୁଟିବ ।କର୍ମରେ ସଫଳତା ଓ ପଦସ୍ଥ ଅଧିକାରୀଙ୍କ କୃପା ଲାଭ କରିବେ ।

# ମାତୃଭାଷା

କଟକ, ସୋମବାର, ନଭେମ୍ବର - ୨୪, ୨୦୨୫ ପୃଷ୍ଠା: ୪


## ଭାରତର ଅର୍ଥନୀତି ଏବେ ତାହାର ଶିଖରରେ - ଆମେରିକା ଏବଂ ଚୀନ୍ ଠାରୁ ଆଗରେ

ଭାରତର ଅର୍ଥନୀତି କୋଭିଡ୍-୧୯ ମହାମାରୀର ଝଟକାରୁ ମୁକୁଳି ଏହାର ପୂର୍ବ ସ୍ତର ଠାରୁ ବି ଆହୁରି ଅଗ୍ରଗତି କରିଛି। ଭିତ୍ତିଭୂମି, ଯୋଗାଣ ଶୃଙ୍ଖଳ ଏବଂ ଡିଜିଟାଲ୍ କ୍ଷେତ୍ରରେ ମହାମାରୀ ପରବର୍ତ୍ତୀ ଦୃଢ଼ ଉନ୍ନତି ହାସଲ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଦ୍ୱାରା ଏହି ଉନ୍ନତି ସାଧିତ ହୋଇଛି ।

ଭାରତ ତୁଳନାରେ ଆମେରିକା, ଚୀନ୍, ରୁଷିଆ ଏବଂ ୟୁରୋ-ଏସିଆ ଭଳି ଅର୍ଥନୀତିଗୁଡ଼ିକ ଏବେ ବି ମହାମାରୀରୁ ମୁକୁଳିବା ପାଇଁ ସଂଘର୍ଷ କରୁଛନ୍ତି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ଏବଂ ପୂର୍ବତନ ଆମେରିକା ରାଷ୍ଟ୍ରପତି ବାରାକ ଓବାମାଙ୍କ ତିନି ସଦସ୍ୟ ବିଶିଷ୍ଟ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ଜେସନ୍ ଫର୍ମ୍ୟାନ୍ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି, ବିଶ୍ୱ ବ୍ୟାଙ୍କ ଏବଂ ପ୍ରାସଙ୍ଗିକ ଦେଶଗୁଡ଼ିକର ତଥ୍ୟ ଉପରେ ଆଧାରିତ ଏହି ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ବିଭିନ୍ନ ଚାର୍ଟ ବ୍ୟବହାର କରି, ଫର୍ମ୍ୟାନ୍ ଭାରତ, ଆମେରିକା, ୟୁରୋ କ୍ଷେତ୍ର (ୟୁରୋପୀୟ ସଂଘ), ରୁଷିଆ ଏବଂ ଚୀନର ମୋଟ ଘରୋଇ ଉତ୍ପାଦ ତୁଳନା କରିଛନ୍ତି ଏବଂ ଆକଳନ କରାଯାଇଥିବା ଅଭିବୃଦ୍ଧି ହାର ଉପସ୍ଥାପନ କରିଛନ୍ତି। ୨୦୧୯ ରୁ ୨୦୨୫ ର ତୃତୀୟ ତ୍ରୈମାସିକ ପର୍ଯ୍ୟନ୍ତ ତଥ୍ୟ ମୂଲ୍ୟାଙ୍କନ କରାଯାଇଛି। ଜିଡିପି ଅଭିବୃଦ୍ଧି ୧୦% ହେବ ବୋଲି ଆକଳନ କରାଯାଇଛି।

ଫର୍ମ୍ୟାନଙ୍କ ଆକଳନ ଅନୁଯାୟୀ ୨୦୨୫ ତୃତୀୟ ତ୍ରୟମାସ ସୁଦ୍ଧା ଭାରତର ଜିଡିପି ୧୦%ରେ ପହଞ୍ଚିବ, ଯାହା କୋଭିଡ୍ ପୂର୍ବର ବାସ୍ତବ ଜିଡିପି ଧାରା ଅତିକ୍ରମ କରିବ। ଏହି କାରଣଗୁଡ଼ିକ ଭାରତକୁ ଏହି ବର୍ଷ ଶେଷ ସୁଦ୍ଧା ବିଶ୍ୱର ତୃତୀୟ ବୃହତ ଅର୍ଥନୀତି କରିବ ବୋଲି ଆଶା କରାଯାଉଛି। ଏହି ସମୟ ମଧ୍ୟରେ ଆମେରିକାର ଜିଡିପି ମଧ୍ୟ ବୃଦ୍ଧି ପାଇବ, କିନ୍ତୁ ଏହାର ଅଭିବୃଦ୍ଧି ପ୍ରାୟ ୫% ହେବ। ଏହି ସମୟରେ, ଚୀନ୍ ଏବଂ ୟୁରୋ କ୍ଷେତ୍ର ଧାରାଠାରୁ ବହୁତ ତଳେ ରହିବେ, ଯଥାକ୍ରମେ ମାଇନସ୍ ୧୦% ଏବଂ ମାଇନସ୍ ୫%।

ଏହାର ମୁଖ୍ୟ କାରଣ ହେଉଛି ଚୀନର ସମ୍ପତ୍ତି କ୍ଷେତ୍ରରେ ସଙ୍କଟ ଏବଂ ଜନସଂଖ୍ୟାଗତ ମନ୍ଥରତା ଏବଂ ୟୁକ୍ରେନ ଯୁଦ୍ଧ ଯୋଗୁ ୟୁରୋପର ଶକ୍ତି କ୍ଷେତ୍ର ଦୁର୍ବଳ ହେବା। ଏହା ତୁଳନାରେ ୟୁକ୍ରେନ ଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶମାନଙ୍କ ପ୍ରତିବନ୍ଧକ ସତ୍ତ୍ୱେ ରୁଷର ଏଉଚ ଏହାର ମହାମାରୀ ପୂର୍ବର ପଥରେ ଅଗ୍ରସର ରହିଛି। ଯଦିଓ ଏହାର ଗତି ମନ୍ଥର ହୋଇଛି, ତଥାପି ଏହା ସକାରାତ୍ମକ ରହିଛି ଏବଂ ପ୍ରାୟ ୧.୧ ପ୍ରତିଶତ ରହିଛି।

ଫୁରମ୍ୟାନଙ୍କ ତଥ୍ୟ ବିଶ୍ଳେଷଣ ଉପରେ ଆଧାର କରି ଉପସ୍ଥାପିତ ଚାର୍ଟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ୨୦୨୦ ରେ ଯେତେବେଳେ କୋଭିଡ୍-୧୯ ମହାମାରୀ ବ୍ୟାପିଲା, ସେତେବେଳେ ବିଶ୍ୱ ଅର୍ଥନୀତି ପ୍ରତିକୂଳ ଭାବରେ ପ୍ରଭାବିତ ହୋଇଥିଲା। ତଥାପି ଏହି ସମୟ ମଧ୍ୟରେ ଭାରତର ଅର୍ଥନୀତି ଅନ୍ୟ ଦେଶ ତୁଳନାରେ କମ୍ ହ୍ରାସ ଅନୁଭବ କରିଥିଲା, ଯାହା ୫ ରୁ ୧୦ ପ୍ରତିଶତ ମଧ୍ୟରେ ରହିଥିଲା। ୟୁରୋ କ୍ଷେତ୍ରରେ ଏଉଚ ୨୦ ପ୍ରତିଶତ ତଳେ ଖସିଯାଇଥିଲା, ଯେତେବେଳେ ଆମେରିକାର ୧୦ ପ୍ରତିଶତ ତଳେ ଥିଲା, ଏବଂ ଚୀନ୍ ଏବଂ ରୁଷ ମଧ୍ୟ ଶୂନ୍ୟ ତଳେ ରହିଥିଲା।

ଫୁରମ୍ୟାନଙ୍କ ଅନୁସାରେ କୋଭିଡ୍-୧୯ ମହାମାରୀ ପରେ ଭାରତର ଅଗ୍ରଗତି ଚମତ୍କାରଠାରୁ କମ୍ ନୁହେଁ। ଭାରତ କେବଳ ଏହାର ଯୋଗାଣ ଶୃଙ୍ଖଳାକୁ ପୁନରୁଦ୍ଧାର କରିନାହିଁ, ଯାହା ମହାମାରୀ ଦ୍ୱାରା ନଷ୍ଟ ହୋଇଯାଇଥିଲା, ବରଂ ଲକଡାଉନ୍ ଏବଂ ବିଶ୍ୱ ସଙ୍କଟ ଦ୍ୱାରା ସୃଷ୍ଟି ହୋଇଥିବା ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିଛି। ଭାରତ ଟଟଓ ଭଳି ଡିଜିଟାଲ୍ ଭିତ୍ତିଭୂମିକୁ ସୁଦୃଢ଼ କରିଛି, ରାସ୍ତା ଭଳି ଭିତ୍ତିଭୂମି ଉପରେ ଖର୍ଚ୍ଚ ବୃଦ୍ଧି କରିଛି, ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଔଷଧ ରପ୍ତାନୀକୁ ବୃଦ୍ଧି କରିଛି।

# ଅଳିଆଗଦାରେ ତରକାରୀ ଆଇନ

**ଯୁଧିଷ୍ଠିର ମହାରଣା**

ବର୍ତ୍ତମାନ ବିବାହ ଓ ଭୋଜିଭାତ ଋତୁ ଚାଲିଛି। ବର୍ତ୍ତମାନର ସମୟରେ ନଅ ତିଅଣ ଛଅ ଭଜା ଠାରୁ ଆହୁରି ଲମ୍ବି ଗଲାଣି ଖାଇବା ମେନୁର ତାଲିକା। ଏମିତିରେ ବି ଲୋକମାନଙ୍କ ଖାଦ୍ୟ ରୁଚି ସବୁ ପରିବର୍ତ୍ତନ ହୋଇଗଲାଣି। କହିବାକୁଗଲେ ଦାମୀ, ସୁସ୍ୱାଦୁ ଓ ଆକର୍ଷଣୀୟ ଖାଦ୍ୟ ପଦାର୍ଥ ନକଲେ ଭୋଜିର ମୂଲ୍ୟ ରହିବ ନାହିଁ ବୋଲି ଅନେକ ଲୋକମାନଙ୍କର ଏକ ପ୍ରକାର ଧାରଣା ଥାଏ। କାଁ ଭାଁ କେଉଁଠି ଜଣେ ଭୋଜିରେ ଗାଉଁଲି ଖାଦ୍ୟ ଦେଖିବାକୁ ପାଉଛନ୍ତି। କିନ୍ତୁ ଖାଇବା ଭୋଜି ବ୍ୟବସ୍ଥା ଦିନକୁ ଦିନ ଏତେ ବ୍ୟୟ ବହୁଳ ହେଲାଣି ଯେ 'ଦେଉଳକୁ ମୁଖଶାଳା ବଳି' ପରି ସବୁ ଖର୍ଚ୍ଚ ଠାରୁ ଖାଇବା ପିଇବା ଖର୍ଚ୍ଚ ହିଁ ସବୁଠାରୁ ଉଚାରେ ରହୁଛି। ଗଣମାଧ୍ୟମରେ ଆମେ ଅନେକ ସମୟରେ ଦେଖୁଛୁ ଯେ ସୁସ୍ୱାଦୁ ଓ ଆମିଷ ଖାଦ୍ୟ ପାଇଁ ବିବାହ ବା ଅନ୍ୟ ଭୋଜିରେ ନାନାଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଗୋଟିଏ ଗୋଟିଏ ପରିବାର ବିବାହ ଭୋଜି ପାଇଁ ଏପରି ଋଣଗ୍ରସ୍ତ ହୋଇଯାଉଛନ୍ତି ଯେ ସେଥିରୁ ଉଠିବା ପାଇଁ ସେମାନଙ୍କୁ ବର୍ଷ ବର୍ଷ ଲାଗି ଯାଉଛି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା ବର୍ଷ ବର୍ଷ ଧରି ଆମ ଓଡ଼ିଶାରେ ଏକ ବିଧିବଦ୍ଧ ଆଇନ ଥାଇ ମଧ୍ୟ ତାହା କୌଣସି କାର୍ଯ୍ୟରେ ଲାଗୁନି। ଭୋଜିରେ କେତେ ପ୍ରକାର କ'ଣ କ'ଣ ମେନୁ ତାଲିକା ରହିଲା ତାହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ତଥା କଥିତ ଷ୍ଟାଟସ ସିମ୍ବଲ କହିଲେ ଅତ୍ୟୁକ୍ତି ହେବନାହିଁ।

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ । ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀ କଳ ବି ମାନୁନାହିଁ । ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳ ବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ । ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ । ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ଼ ରେଷ୍ଟ୍ରିକ୍ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ । ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉକରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ । କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି । କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ । ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ । ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇ ପାରିବ ।

ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକ ମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଶ ବ୍ୟଞ୍ଜନ ପରସା ଯାଉଛି । ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଅପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥି ମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି । ବିଦେଶରୁ ଆସୁଥିବା କୂଟନୈତିକ ଅତିଥି ମାନଙ୍କୁ ଅପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ । ଓଡ଼ିଶା ସରକାର ପାଞ୍ଚ ଟଙ୍କାରେ ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ଖାଇବାଟିଏର ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆ ମାନେ ନିଜ ଆତ୍ମ ସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇଯାହା ରହିବ।


*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮*


# 'ଧର୍ମର ସଂଜ୍ଞା ଓ ଧର୍ମର ଏକ ତାତ୍ତ୍ୱିକ ବିଶ୍ଳେଷଣ'

**ଡଃ ଅମୂଲ୍ୟ କୁମାର ପଣ୍ଡା**

ଧର୍ମ ହେଉଛି ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ୟଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଆଧ୍ୟୟନିକ କିମ୍ବା ଆଧ୍ୟାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା । ଧର୍ମ କହିଲେ ଜୀବ କଲ୍ୟାଣ ଏବଂ ଅନ୍ତଃକରଣ ଶୁଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଆଚରଣର ନିୟମକୁ ବୁଝାଇଥାଏ। ଅଧର୍ମ କହିଲେ ନିଷିଦ୍ଧ କର୍ମକୁ ବୁଝାଇଥାଏ ଯାହା ପତନର କାରଣ ହୋଇଥାଏ ଏବଂ ସମାଜର ହାନି କରିଥାଏ। ଆସୁରିକ ସ୍ୱଭାବରେ ଶାସ୍ତ୍ର ଜ୍ଞାନ ପ୍ରତି ଶ୍ରଦ୍ଧା ନ ଥାଏ। ସୁତରାଂ, ଯେଉଁମାନଙ୍କର ସ୍ୱଭାବ ଆସୁରିକ, ସେମାନେ ଠିକ୍ ଭୁଲ୍‌ର ବିଚାର କରିପାରନ୍ତି ନାହିଁ। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ ଉଚିତ୍-ଅନୁଚିତ୍‌ର ବିବେଚନା କରି ପାରନ୍ତି ନାହିଁ। ତେଣୁ ସେମାନଙ୍କ ଚରିତ୍ରରେ ଶୁଦ୍ଧତା, ସତ୍ୟ କିମ୍ବା ଉଚିତ୍ ଆଚରଣ ଦୃଷ୍ଟିଗୋଚର ହୋଇ ନ ଥାଏ। ସେମାନେ କହନ୍ତି, "ସଂସାର ସତ୍ୟ ରହିତ ଅଟେ । ଏହାର ଆଧାର (ଧାର୍ମିକ) କିଛି ନାହିଁ ଏବଂ ଏହା ଈଶ୍ୱରହୀନ (ଯିଏ ସୃଷ୍ଟି କରନ୍ତି ଏବଂ ନିୟନ୍ତ୍ରଣ କରନ୍ତି) ଅଟେ। ଏହା ଦୁଇ ଲିଙ୍ଗର ସଂଯୋଗରେ ସୃଷ୍ଟି ହୋଇଛି ଏବଂ ଯୌନ ସନ୍ତୋଷ ଅତିରିକ୍ତ ଏହାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ। ଅନୈତିକ ବ୍ୟବହାରରୁ କ୍ଷାନ୍ତ ହେବାର ଦୁଇଟି ଉପାୟ ଅଛି। ପ୍ରଥମଟି, ଇଚ୍ଛାଶକ୍ତିର ଉପଯୋଗ କରି ଅଧର୍ମଠାରୁ ଦୂରେଇ ରହିବା ଏବଂ ଦ୍ୱିତୀୟ ଉପାୟଟି, ଭଗବାନଙ୍କ ଭୟରେ ପାପରୁ ନିବୃତ୍ତ ରହିବା। କେବଳ ନିଜ ଇଚ୍ଛାଶକ୍ତି ଉପଯୋଗ କରି ପାପ କର୍ମରୁ ନିବୃତ୍ତ ରହିବା ବ୍ୟକ୍ତି ବହୁତ କମ୍ ଅଛନ୍ତି। ଅଧିକାଂଶ ବ୍ୟକ୍ତି ଦଣ୍ଡ ଭୟରେ ଅସତ୍ ଆଚରଣ କରିବାରୁ ନିବୃତ ହୁଅନ୍ତି। ଉଦାହରଣ ସ୍ୱରୂପ, ଆମେ ରାଜପଥରେ ଲକ୍ଷ୍ୟ କରୁ, ଯେତେବେଳେ ଗୋଟିଏ ପୋଲିସ ଗାଡ଼ି ଦେଖାଯାଏ, ଲୋକମାନେ ତାଙ୍କ ଯାନର ଗତିକୁ ମନ୍ଥର କରିଦିଅନ୍ତି। କିନ୍ତୁ ଯେତେବେଳେ ଧରାପଡ଼ି କୌଣସି ଭୟ ନ ଥାଏ, ସେମାନେ ଗତିକୁ ସୀମା ଅତିରିକ୍ତ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ତେଣୁ ଆମେ ଯଦି ଭଗବାନଙ୍କୁ ବିଶ୍ୱାସ କରିବା, ଅନୈତିକ କାର୍ଯ୍ୟରୁ ଦୂରରେ ରହିବା। ତା ପରିବର୍ତ୍ତେ ଯଦି ଆମେ ଭଗବାନଙ୍କୁ ବିଶ୍ୱାସ କରିବା ନାହିଁ, ତେବେ ମଧ୍ୟ ତାଙ୍କର ସମସ୍ତ ନିୟମ ଆମ ପ୍ରତି ଲାଗୁ ହେବ ଏବଂ ଆମେ ଅନୁଚିତ୍ କର୍ମର ପରିଣତି ଭୋଗ କରିବା।

ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ, ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା 'ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ଏବଂ ଅପାର୍ଥିବତା' ଆଦି ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, (ଦେବତା ଏବଂ/କିମ୍ବା ସନ୍ଥମାନଙ୍କ ପ୍ରତି) ସ୍ମାରକ କିମ୍ବା ଅତ୍ୟଧିକ ସମ୍ମାନ, ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଆରମ୍ଭ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀ ସବୁକୁ ବେଳେବେଳେ ଅନୁଗାମୀମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ପାରମ୍ପରିକ ଭାବେ କାରଣ ରହିତ ବିଶ୍ୱାସକୁ ଧାର୍ମିକ ବିଶ୍ୱାସର ଉତ୍ସ ଭାବେ ବିବେଚନା କରାଯାଇଛି । ବିଶ୍ୱରେ ପ୍ରାୟ ୧୦,୦୦୦ରୁ ଅଧିକ ଧର୍ମ ରହିଛି । ବିଶ୍ୱ ଜନସଂଖ୍ୟାର ୮୪ ଭାଗ ଲୋକ ଖ୍ରୀଷ୍ଟ, ହିନ୍ଦୁ, ଇସ୍ଲାମ, ବୌଦ୍ଧ ତଥା ଲୋକପ୍ରଥା ସହ ଯୋଡି ହୋଇଛନ୍ତି । ଅବଶିଷ୍ଟ ଲୋକମାନେ ନିଜକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବୋଲି ଭାବନ୍ତି ନାହିଁ କିମ୍ବା ସେମାନେ ନିଜକୁ ନାସ୍ତିକ ବୋଲି ମାନନ୍ତି ।

ଆସୁରିକ ପ୍ରବୃତ୍ତିଯୁକ୍ତ ବ୍ୟକ୍ତି ମାନେ କୌଣସି ପ୍ରକାରର ପ୍ରାଧିକରଣ ଏବଂ ନିୟମନକୁ ସ୍ୱୀକାର କରନ୍ତି ନାହିଁ, ଯାହା ଭଗବତ୍ ବିଶ୍ୱାସର ଏକ ଆବଶ୍ୟକୀୟ ଅନୁଶାସନ ଅଟେ। ସେମାନଙ୍କ ମତରେ ଭଗବାନ ବୋଲି କେହି ନାହାଁନ୍ତି ଏବଂ ସଂସାରର କୌଣସି ଧାର୍ମିକ ଆଧାର ନାହିଁ। ସେମାନେ "ମହା ବିସ୍ଫୋଟ ସିଦ୍ଧାନ୍ତ" ପରି ପରିକଳ୍ପନାର ପ୍ରଚାର କରନ୍ତି, ଯାହା ଅନୁଯାୟୀ ସୃଷ୍ଟିର ଶୂନ୍ୟ ସମୟରେ ଘଟିଥିବା ଏକ ଆକସ୍ମିକ ବିସ୍ଫୋରଣରୁ ସଂସାର ର ସୃଷ୍ଟି ହୋଇଛି, ତେଣୁ ଏହି ସଂସାରକୁ ବ୍ୟବସ୍ଥିତ ରଖିବାକୁ କୌଣସି ଭଗବାନ ନାହାଁନ୍ତି। ଏହିପରି ସିଦ୍ଧାନ୍ତ ସେମାନଙ୍କୁ ନିଃସଂକୋଚରେ କିମ୍ବା କୌଣସି ପରିଣାମର ଭୟ ନ ଥାଇ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ନିୟୋଜିତ କରିଥାଏ। ବିଭିନ୍ନ ଇନ୍ଦ୍ରିୟ ସୁଖଭୋଗ ମଧ୍ୟରୁ, ଯୌନ ସମ୍ଭୋଗର ଇଚ୍ଛା ଅତି ପ୍ରବଳ ଅଟେ। ଏହାର କାରଣ ଭୌତିକ ଜଗତ ଆଧ୍ୟାତ୍ମିକ ଜଗତର ଏକ ବିକୃତ ପ୍ରତିରୂପ ଅଟେ। ଆଧ୍ୟାତ୍ମିକ ଜଗତରେ, ମୁକ୍ତ ଆତ୍ମା ଗୁଡିକର ଭଗବାନଙ୍କ ସହିତ ସମ୍ପର୍କ ଯୋଡ଼ିବାର ଆଧାର ଦିବ୍ୟପ୍ରେମ ଅଟେ। ମାୟିକ ଜଗତରେ ଏହାର ବିକୃତ ପ୍ରତିରୂପ ଯୌନ ସମ୍ଭୋଗ, ମାୟାଧୀନ ଜୀବମାନଙ୍କର ଚେତନାରେ ପ୍ରାଧାନ୍ୟ ବିସ୍ତାର କରିଥାଏ, ବିଶେଷତଃ ଯେଉଁମାନେ ରଜଗୁଣ-ପ୍ରଧାନ ଅଟନ୍ତି। ଅତଏବ, ଆସୁରିକ ସ୍ୱଭାବର ବ୍ୟକ୍ତି ଯୌନ ସମ୍ଭୋଗକୁ ମାନବ ଜୀବନର ଉଦ୍ଦେଶ୍ୟ ନିର୍ଦ୍ଧାରିତ କରିଥାଆନ୍ତି । ଏପରି ସିଦ୍ଧାନ୍ତକୁ ଦୃଢ଼ ଭାବରେ ଗ୍ରହଣ କରି ଏହି ବିପଥଗାମୀ ଜୀବ, ସେମାନଙ୍କର ସ୍ୱଳ୍ପ ବୁଦ୍ଧି ଏବଂ ନିଷ୍ଠୁର କର୍ମ ଦ୍ୱାରା, ସଂସାରର ବିଧ୍ୱଂସକରୀ ଶତ୍ରୁ ରୂପରେ ଦେଖାଦିଅନ୍ତି। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ, ସଠିକ୍ ଆତ୍ମ-ଜ୍ଞାନରୁ ବଞ୍ଚିତ ହୋଇ, ତାଙ୍କର ଅଶୁଦ୍ଧ ବୁଦ୍ଧିଦ୍ୱାରା, ସତ୍ୟର ସିଦ୍ଧାନ୍ତକୁ ବିକୃତ କରିଦିଅନ୍ତି। ଏହାର ଏକ ଉଦାହରଣ ହେଉଛି ଚାର୍ବାକ୍‌ଙ୍କର ସିଦ୍ଧାନ୍ତ ଯିଏ କି, ଭାରତ ଇତିହାସର ଜଣେ ପ୍ରସିଦ୍ଧ ଭୌତିକବାଦୀ ଦାର୍ଶନିକ ଅଟନ୍ତି । ସେ କହିଥିଲେ.... 'ଯାବଜ୍ଜୀବେତ ସୁଖଂ ଜୀବେତ୍, ଋଣମ୍ କୃତ୍ୱା ଘୃତଂ ପିବେତ୍ ଭସ୍ମୀ ଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ' । ଯେତେଦିନ ପର୍ଯ୍ୟନ୍ତ ଜୀବିତ ରହିଛ, ନିଜକୁ ଉପଭୋଗ କର । ଯଦି ଘୃତ ପାନ କରିବାକୁ ଇଚ୍ଛା କରୁଥାଅ, ଆବଶ୍ୟକ ସ୍ଥଳେ ଋଣ କରି ମଧ୍ୟ, ତାହା କର। ଶରୀରର ଦାହସଂସ୍କାର କରାଯିବା ପରେ, ତୁମର ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ସଂସାରକୁ ପୁଣି ଫେରିବ ନାହିଁ । ତେଣୁ ତୁମ କର୍ମର ପରିଣାମକୁ ନେଇ ଚିନ୍ତିତ ହୁଅ ନାହିଁ । ଏହିପରି ଭାବରେ, ଆସୁରିକ ସ୍ୱଭାବଯୁକ୍ତ ବ୍ୟକ୍ତି ଆତ୍ମାର ନିତ୍ୟତା ଏବଂ କର୍ମ ପ୍ରତିକ୍ରିୟାର ସମ୍ଭାବନାକୁ ପ୍ରତ୍ୟାଖାନ କରି ଥାଆନ୍ତି। ସେଥିପାଇଁ ସେମାନେ ନିର୍ଦ୍ୱନ୍ଦରେ ସ୍ୱାର୍ଥପର ଏବଂ ନିଷ୍ଠୁର କର୍ମରେ ଲିପ୍ତ ରହନ୍ତି। ଯଦି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ହୋଇଥାଆନ୍ତି, ତେବେ ସେମାନେ ନିଜର ବିଭ୍ରାନ୍ତିକର ଭୌତିକବାଦୀ ମତକୁ ଅନ୍ୟମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି। ସେମାନଙ୍କର ଆତ୍ମ-କୈନ୍ଦ୍ରିକ ଲକ୍ଷ୍ୟ, ଅନ୍ୟମାନଙ୍କ ପାଇଁ ଦୁଃଖର କାରଣ ହେଉ କିମ୍ବା ସଂସାରର ବିନାଶର କାରଣ ହେଉ ପଛେ, ତାହାକୁ ହାସଲ କରିବା ପାଇଁ ସେମାନେ ଦ୍ୱିଧାହୀନ ଭାବରେ ଅବିଶ୍ରାନ୍ତ ଉଦ୍ୟମ କରିଥାନ୍ତି। ମାନବ ଇତିହାସ ବାରମ୍ବାର ଏହିପରି ଆତ୍ମବଡ଼ିମାପୂର୍ଣ୍ଣ ସମ୍ରାଟ, ଯଥା ହିଟ୍‌ଲର, ମୁସୋଲିନ୍, ଷ୍ଟାଲିନ୍ ଇତ୍ୟାଦିଙ୍କୁ ଦେଖିଛି, ଯେଉଁମାନେ ତାଙ୍କର ବିକୃତ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସଂସାରରେ ଅକଥନୀୟ ଯନ୍ତ୍ରଣା ଏବଂ ବିନାଶ ଆଣି ଦେଇଥିଲେ ଏମାନେ ସବୁ ଆସୁରିକ ସ୍ୱଭାବ ଯୁକ୍ତ ଥିଲେ।


ଅରଙ୍ଗାବାଦ ବରୀ ଯାଜପୁର

ମୋବାଇଲ - ୮୨୪୯୫୦୨୭୭୬


# ବିଳମ୍ବିତ ନ୍ୟାୟ ପ୍ରକ୍ରିୟା ଲୋକତନ୍ତ୍ର ପାଇଁ କଳଙ୍କ

**ସୁଧାଂଶୁ ପାତ୍ର**

୨୦୨୫ ନ୍ୟାୟ ରିପୋର୍ଟରେ ଜିଲ୍ଲାମାନଙ୍କରେ ୭୬ ପ୍ରତିଶତ କଏଦୀ ବିଳମ୍ବିତ ନ୍ୟାୟ ପ୍ରକ୍ରୀୟା ଜେଲରେ ଜୀବନ କଟାଉଛନ୍ତି ରିପୋର୍ଟ ଉପରେ କ୍ଷୁବ୍ଧ ହୋଇ ବାରମ୍ବାର ତାଗିଦ୍ ଓ ସର୍ବୋପରି ହାଇକୋର୍ଟକ ସମେତ ନିମ୍ନ ଅଦାଲତମାନଙ୍କୁ କଡ଼ା ନିର୍ଦ୍ଦେଶଜାରି କରିବା ସତ୍ୱେ, ବର୍ଷବର୍ଷ ଧରି ବିଭିନ୍ନ ଅଦାଲତ ମାନଙ୍କରେ ଫଇସଲା ନହୋଇ ପଡ଼ି ରହିଥିବା ହଜାର ହଜାର ମକଦ୍ଦମା ଏବଂ ଅପରାଧ ନିର୍ଣ୍ଣାୟକ ତଥା କଗ୍‌ନିଜେନ୍ସ ନେବା କ୍ଷେତ୍ରରେ ଅହେତୁକ ବିଳମ୍ବ ଯୋଗୁଁ, ଜାମିନ୍ ନପାଇ ଜେଲମାନଙ୍କରେ ବିଚାରଧିନ କଏଦିଙ୍କ ଭିଡ଼କୁ ତର୍ଜମା କରି ମାନ୍ୟବର ସୁପ୍ରିମକୋର୍ଟ ଇତି ମଧ୍ୟରେ ବିରକ୍ତି ପ୍ରକଟ କରିଛନ୍ତି । ଡକାୟତ ଓ ହତ୍ୟା ଉଦ୍ୟମରେ ବିହାରର ଅମନ୍ କୁମାର ନାମକ ଜଣେ ଅଭିଯୁକ୍ତ, ତଳ କୋର୍ଟଙ୍କ କଗ୍‌ନିଜେନ୍‌ସ ନେବା କ୍ଷେତ୍ରରେ ଦେଖା ଦେଇଥିବା ଅହେତୁକ ବିଳମ୍ବ ପାଇଁ ବେଲ୍ ନପାଇ ୨/୩ ବର୍ଷ ଜେଲରେ ରହିବା ପରେ ମାନ୍ୟବର ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରି କହିଛନ୍ତି ଆରୋପ ନିର୍ଣ୍ଣୟ କ୍ଷେତ୍ରରେ ୩/୪ ବର୍ଷ ଲାଗିବା ଏକ ଦୁର୍ଭାଗ୍ୟ ଜନକ ଘଟଣା ଏବଂ ଚାର୍ଜସିଟ୍ ଦାଖଲ ହେବା ମାତ୍ରେ ଆରୋପ ନିର୍ଣ୍ଣୟ ହେବା ଜରୁରୀ ଏହା ଯଦି ନହୁଏ ତେବେ ସୁପ୍ରିମକୋର୍ଟ ବାଧ ହୋଇ ଆଗାମୀଦିନରେ ତଳ କୋର୍ଟଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କରି ନିର୍ଦ୍ଦେଶ ଜାରି କରିବେ ବୋଲି ତାଗିଦ କରିଛନ୍ତି।

ଚାର୍ଜସିଟ୍ ଦାଖଲ ହେବା ମାତ୍ରେ କୋର୍ଟ ତାଙ୍କ ତରଫରୁ ତୁରନ୍ତ ଆରୋପ ନିର୍ଣ୍ଣୟ କରିବା ଉଚିତ କାରଣ ଏହା ନ୍ୟାୟ ପାଇବାର ପ୍ରଥମ ପାହାଚ । ଭାରତୀୟ ଦଣ୍ଡ ବିଧି ସଂହିତା । ଏବଂ ଏବେକାର ନାଗରିକ ସୁରକ୍ଷା ସଂହିତାରେ ଚାର୍ଜସିଟ୍ ଫାଇଲ ହେବା ପରେପରେ ମାଜିଷ୍ଟ୍ରେଟ କୋର୍ଟ ତୁରନ୍ତ କଗ୍‌ନିଜେନ୍ସ ନେଇ ମକଦ୍ଦମା ଆଗକୁ କଢ଼ାଇବାର ପ୍ରବନ୍ଧ ରହିଛି । ମାତ୍ର ବାସ୍ତବରେ ଏହି ପ୍ରକ୍ରୀୟା ପାଇଁ ୨/୩ ବର୍ଷ ଲାଗିବା ଦ୍ୱାରା ନ୍ୟାୟ ପ୍ରକ୍ରୀୟା ଆଗକୁ ବଢ଼ି ପାରୁନାହିଁ ଏବଂ ନ୍ୟାୟ ମିଳିବାରେ ବର୍ଷବର୍ଷ ଧରି ବିଳମ୍ବ ଘଟୁଛି। ବିଚରାଧିନ କଏଦି ବର୍ଷବର୍ଷ ଧରି ଜେଲ୍‌ରେ ରହୁଛନ୍ତି ।

ଏହି ପରିପ୍ରେକ୍ଷୀରେ ଏବେ ସୁପ୍ରିମକୋର୍ଟ ସମସ୍ୟାର ସମାଧାନ ପାଇଁ କଡ଼ା ପଦକ୍ଷେପ ନେବାର ସଙ୍କେତ ମଧ୍ୟ ଦେଇସାରିଛନ୍ତି। ୧୯୭୯ର ମକଦ୍ଦମା ହୁସେନ ଆରାଖାତୁନ୍ ବନାମ ବିହାର ଷ୍ଟେଟ ଓ କାଶ୍ମୀର ସିଂ ବନାମ ପଞ୍ଜାବ ଷ୍ଟେଟ ମାମଲାର ଉଦାହରଣ ସହ ସୁପ୍ରିମକୋର୍ଟ କହିସାରିଛନ୍ତି ଯେ, ଏଭଳି ସ୍ଥିତିରେ ଅଭିଯୁକ୍ତ ସ୍ୱତ ବେଲ୍ ପାଇବା ପାଇଁ ହକ୍‌ଦାର। ତେଣୁ ପରିସ୍ଥିତି ଯଦି ଯଥା ପୂର୍ବମ୍ ତଥା ପରମ୍ ରହେ ଏବଂ ଚାର୍ଜସିଟ୍ ଦାଖଲ ପରେ କଗ୍‌ନିଜେନ୍ସ ନେବାରେ ଯଦି ନିମ୍ନ ଅଦାଲତ ଅହେତୁକ ବିଳମ୍ବ କରନ୍ତି ତେବେ, କଡ଼ା ପଦକ୍ଷେପ ସ୍ୱରୂପ ସୁପ୍ରିମ୍‌କୋର୍ଟ ନିମ୍ନ କୋର୍ଟମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବେ । ଚାର୍ଜସିଟ୍ ଦାଖଲ ହେବାର ୬୦ ଦିନ ମଧ୍ୟରେ କୋର୍ଟ ତାଙ୍କ ତରଫରୁ କଗ୍‌ନିଜେନ୍ସ କେବେ ଏବଂ ମକଦ୍ଦମାକୁ ଆଗକୁ ବଢ଼େଇବେ। ତଳ କୋର୍ଟଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରିବା ପାଇଁ ସୁପ୍ରିମ୍‌କୋର୍ଟ ବାଧ ହେବେ । କାରଣ ନ୍ୟାୟଳୟର କାର୍ଯ୍ୟଶୈଳୀର ପରିବ□ନ ଜରୁରୀ ହୋଇ ପଡ଼ିଛି । କଗ୍‌ନିଜେନ୍ସି ନେବାରେ ବିଳମ୍ବ ଅର୍ଥ ଆମ ଲୋକତନ୍ତ୍ରର ଅପମାନ ସଦୃଶ। ଏହା କେବଳ ଅଭିଯୁକ୍ତମାନଙ୍କ ଅଧିକାରର ପ୍ରଶ୍ନ ନୁହେଁ, ଅନ୍ୟପକ୍ଷରେ ନ୍ୟାୟ ବ୍ୟବସ୍ଥା ଉପରେ ସମାଜରେ ରହିଥିବା ଦୃଢ଼ ବିଶ୍ୱାସ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେବ । ଭାରତୀୟ ନ୍ୟାୟ ରିପୋର୍ଟ ୨୦୨୫ ଅନୁଯାୟୀ ଦେଶର ଜିଲ୍ଲାମାନଙ୍କରେ ୭୬ ପ୍ରତିଶତ ବିଚାରାଧିନ କଏଦୀ ଜେଲରେ ଅଛନ୍ତି ଓ ଜର୍ଣ୍ଣାଲରେ ପ୍ରକାଶିତ ରିପୋର୍ଟକୁ ସମୀକ୍ଷା କଲେ ଜଣାଯାଏ ବିଚାରାଧିନ କଏଦୀ ସଂଖ୍ୟା ବୃଦ୍ଧି ପାଇଁ ଅଧିକ କାନୁନ ସହାୟତରେ ଅଭାବ ଘଟୁଛି ଏବଂ ଶୁଣାଣି ପ୍ରକ୍ରୀୟା ଗତିଶୀଳ ନହୋଇ ବାଧାପ୍ରାପ୍ତ ହେଉଛି ।

ବିଳମ୍ବି ରାୟ, ରାୟ ନୁହେଁ। ଇଂରାଜୀରେ ଅଛି, "ଜଷ୍ଟିସ୍ ଡିଲେଚ, ଜଷ୍ଟିସ୍ ଡନାଏଡ଼" ଏହି ପ୍ରସଙ୍ଗରେ ଦୁଇ ବର୍ଷ ତଳେ ମାନ୍ୟବର ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟର ମଧ୍ୟ ଗୁରୁତ୍ୱ ରହିଛି। ସେହିପରି ବିଳମ୍ବିତ ନ୍ୟାୟ ମଧ୍ୟ ମୂଲ୍ୟହୀନ ବୋଲି ଧରାଯିବ। ଏହି ମନ୍ତବ୍ୟର ସତ୍ୟାସତ୍ୟ ସେହି ବର୍ଷ ଆସିଥିବ। ଭାରତୀୟ ତୃତୀୟ ନ୍ୟାୟ ରିପୋର୍ଟରୁ ମିଳିପାରିବ। ଡିସେମ୍ବର ୨୦୨୦ ସୁଦ୍ଧା ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟ ମାନଙ୍କରେ ୪ କୋଟି ୯୦ ଲକ୍ଷ ମାମଲା ପଡ଼ି ରହିଛି। ସେଥିମଧ୍ୟରୁ ୧ କୋଟି ୯୦ ଲକ୍ଷ ମାମଲା ବର୍ଷବର୍ଷ ଧରି ଚାଲୁଛି । ୧୦ ବର୍ଷର ପୁରୁଣା ମାମଲା ୫୨ ଲକ୍ଷରୁ ଅଧିକ। ପ୍ରାୟ ୭୭ ପ୍ରତିଶତ ଲୋକଙ୍କ ମାମଲା ଏବେ ବି ବିଚାରଧିନ। ଉଚ୍ଚ ଅଦାଲତ ହାଇକୋର୍ଟଙ୍କ ପାଖରେ ମଧ୍ୟ ସମାନ ଅବସ୍ଥା । ଅଗଷ୍ଟ ୨୦୨୨ ସୁଦ୍ଧା ଉଚ୍ଚତମ ଅଦାଲତରେ ୭୧,୫୦୦ ମକଦ୍ଦମା ପଡ଼ିରହିଛି। ସେଥିମଧ୍ୟରୁ ୧୭୦୦୦ ଫୌଜଦାରୀ ମକଦ୍ଦମା ରହିଛି । ବାକି ୭୫୦୦୦ ସିଭିଲସୁଟ୍ ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ତେବେ ବିଳମ୍ବିତ ରାୟ, ରାୟ ନୁହେଁ କହିବାର ଯଥାର୍ଥ ଅନେକ। ବର୍ଷବର୍ଷ ଧରି ମାମଲାଗୁଡ଼ିକ ବିଚାର ନହେବା ଏବଂ ରାୟ ପ୍ରକାଶ ପାଉନଥିବାକୁ ନଜର ରଖି ସୁପ୍ରିମ୍‌କୋର୍ଟ ବିଚାରପତି ଏସ୍.ରବିନ୍ଦ୍ର ଭଟ୍ଟ ଏବଂ ମାନ୍ୟବର ବିଚାରପତି ଅରବିନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିବା ସହ ୮ ବର୍ଷରୁ ଅଧିକ ସମୟ ଧରି ବିଚାରଧିନ ମାମଲାର ଫଇସଲାର ତ୍ୱରାନ୍ୱିତ କରିବା ଏବଂ ତଦାରଖ କରିବାପାଇଁ ଖଣ୍ଡପୀଠ ହାଇକୋର୍ଟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲାସ୍ତର ମାମଲାଗୁଡ଼ିକର ଶୁଣାଣି, ତଥା ଲିଖିତ ବିବୃତ୍ତି ଦାଖଲ କରିବା, ଆର୍ଡମିଶନ, ଡିନାଏଲ ପ୍ରକ୍ରିୟା ଯଥା ସମୟରେ ରେକର୍ଡ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଥିଲେ । ମାନ୍ୟବର ସୁପ୍ରିମକୋର୍ଟ ୧୯୪୮ ମସିହାରେ ଗ୍ରହଣୀୟ ମାନବ ଅଧିକାର ସର୍ବୋଭୌମିକ ଘୋଷଣା ପତ୍ରରେ ନ୍ୟାୟ ଅଧିକାରରେ ମାନବମାନଙ୍କ ପାଇଁ ନିର୍ଣ୍ଣିତ କରାଯାଇଛି। ତେଣୁ ନ୍ୟାୟରେ ବିଳମ୍ବ ଅନ୍ୟାୟ ବରାବର ବୋଲି ଧରାଯିବ ଏବଂ ମାତ୍ରାଧିକ ବିଳମ୍ବ ସମାଜରେ କୁପ୍ରଭାବ ପକାଇବା ସହିତ ନ୍ୟାୟପାଳିକା ଓ ନ୍ୟାୟ ପ୍ରଣାଳୀ ଉପରେ ସାଧାରଣଙ୍କ ଭରସା ହ୍ରାସ ପାଇବାରେ ଲାଗିବ।

ତେଣୁ ଅଦାଲତ ଓ ସରକାର ମିଳିତ ଭାବେ ବିଚାରର ସମୟସୀମା ଧାର୍ଯ୍ୟରେ ସହାୟକ ହୁଅନ୍ତୁ ଏବଂ ନ୍ୟାୟ ପ୍ରକ୍ରୀୟାକୁ ଗତିଶୀଳ କରନ୍ତୁ ନଚେତ୍ ନ୍ୟାୟକୁ ଲୋକତନ୍ତ୍ରର ଆତ୍ମା କୁହାଯାଉଥିବା ବେଳେ ବିଳମ୍ବିତ ନ୍ୟାୟ ଲୋକତନ୍ତ୍ର ପ୍ରତି କୁଠାରଘାତ ସଦୃଶ ହେବ।

# ପ୍ରଶ୍ୱାସରେ ପଶିବ ବିଷ

**ତୁଷାର ରଞ୍ଜନ ସାହୁ**

ଶୀତ ଗମ୍ଭୀର ରୂପ ନେଲାଣି। ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି। ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ମୁସ୍କିଲ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି। ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି। ଏହି ବାଣ ପୋଡିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ଼), ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। କେବଳ ସେତିକି ନୁହେଁ ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ। ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ। ଏହା ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ। ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଡିଜିଜ ଯୋଗୁ ହେଉଛି। ଏହା ଏକ ଶ୍ୱାସଜନିତ ରୋଗ। ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ। ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ। ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ। ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗୋଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି। ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବାବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ। ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ। ଏନଭାର୍ନମେଣ୍ଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ। ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ। ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ। ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ। ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋର ସାଇକେଲର ଶବ୍ଦ, ଉଡାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ କରିଥାନ୍ତି। ଘର ଭିତରେ ମଧ୍ୟ ରେଡ଼ିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ। ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି। ଦୀପାବଳି ବା ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ। ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ। ବାରୁଦ ଗନ୍ଧ ଓ ଧୂଆଁ ଯୋଗୁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ। ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ। ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ। ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ। ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ। ଗର୍ଭ ନଷ୍ଟ ହୋଇପାରେ। ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ। ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା।

ତାପଜ ବିଦ୍ୟୁତକେନ୍ଦ୍ର ଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଷ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ। ଜୀବାଶ୍ମ ଇନ୍ଧର ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ଼, ନାଇଟ୍ରୋଜେନ ଅକସାଇଡ଼, ସଲଫର ଡାଇଅକସାଇଡ଼ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ। ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଏବଂ କର୍କଟ ରୋଗର କାରଣ ପାଲଟି ଥାଏ। ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ। ପରିବେଶକୁ ପ୍ରଦୂଷିତ କରିଥାଏ। ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ନଟ ପାଉଁଶ ନିର୍ଗତ ହେଉଛି। ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ। ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି। ତଥାପି ଆମର ପରୱା ନାହିଁ। ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି। ଆମର କିଛି ହେବନି। ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ। ହେଲେ ମନେରଖିବା ଦରକାର ଆନନ୍ଦ, ଦୁଃଖ ବା ବିପଦର କାରଣ ନ ହେଉ।


*ରିଲାକ୍ସ, ଏମ୍ପୋରିୟମ ଲେନ୍, ରାଣୀହାଟ, କଟକ, ଦୂରଭାଷ : ୯୮୬୧୦୪୭୫୭୫*

ମାତୃଭାଷା



# ଶରୀରରେ ସଠିକ୍ ଭାବେ ରକ୍ତ ସଞ୍ଚାଳନ ଜରୁରୀ



ସୁସ୍ଥ ରହିବା ପାଇଁ ଶରୀରରେ ରକ୍ତ ସଞ୍ଚାଳନ ଉପଯୁକ୍ତ ଭାବେ ହେବା ଜରୁରି । ଠିକ୍ ଭାବେ ରକ୍ତ ସଞ୍ଚାଳନ ହେବା ଦ୍ୱାରା କେବଳ ମସ୍ତିଷ୍କ ଠିକ୍ କାମ କରି ନଥାଏ ବରଂ ରକ୍ତ ଓ ଅମ୍ଳଜାନ ଶରୀରର ସମସ୍ତ ଅଙ୍ଗକୁ ଠିକ୍ ଭାବେ ପହଞ୍ଚିଥାଏ । ରକ୍ତ ସଞ୍ଚାଳନକୁ ଠିକ୍ କରିବା ପାଇଁ ଖାଦ୍ୟ ଓ ପାନୀୟ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡିଥାଏ । ଉପଯୁକ୍ତ ରକ୍ତ ସଞ୍ଚାଳନ ଆମ ଶରୀର ପାଇଁ ଖୁବ୍ ଜରୁରି । ସଂକ୍ରମଣ ସହ ଲଢିବା, ଶରୀରର ପ୍ରତ୍ୟେକ ଅଂଶରେ ଅମ୍ଳଜାନ ପହଞ୍ଚାଇବାଠାରୁ ଆରମ୍ଭ କରି ମସ୍ତିଷ୍କକୁ ସୁସ୍ଥ ରଖିବା ଯାଏ ସବୁକିଛି ରକ୍ତ ସଞ୍ଚାଳନ ଉପରେ ନିର୍ଭର କରିଥାଏ । ଆପଣ ଉପଯୁକ୍ତ ଖାଦ୍ୟ ଦ୍ୱାରା ହିଁ ରକ୍ତ ସଞ୍ଚାଳନକୁ ବଢାଇପାରିବେ । ସେଥିପାଇଁ ଡାଏଟ୍‌ରେ ନିମ୍ନ କେତେକ ଖାଦ୍ୟକୁ ସାମିଲ୍ କରିପାରିବେ ।

ଡାଳିମ୍ବ: ଡାଳିମ୍ବରେ ପଲିଫେନୋଲ୍ ଆଣ୍ଟି-ଅକ୍ସିଡାଣ୍ଟ ଏବଂ ନାଇଟ୍ରେଜନ୍ ଅଧିକ ମାତ୍ରାରେ ମିଳିଥାଏ । ତେଣୁ ଡାଳିମ୍ବ ଫଳ ବା ଜୁସ୍‌କୁ ସପ୍ଲିମେଣ୍ଟାରୀ ଭାବେ ଖାଇପାରିବେ । ଏହା ରକ୍ତ ସଞ୍ଚାଳନକୁ ତୀବ୍ର କରାଇଥାଏ ।

ବିଟ୍: ଏହା ନାଇଟ୍ରେଟ୍‌ରେ ଭରା, ଯାହା ଶରୀରରେ ନାଇଟ୍ରିକ୍ ଅକ୍ସାଇଡ୍‌ରେ ପରିବର୍ତ୍ତିତ ହୋଇଥାଏ । ନାଇଟ୍ରିକ୍ ଅକ୍ସାଇଡ୍ ରକ୍ତ କୋଷିକାଗୁଡିକୁ ରିଲାକ୍ସ କରିଦେଇଥାଏ । ଫଳରେ ରକ୍ତ ସଞ୍ଚାଳନରେ ସୁଧାର ଆସିଥାଏ ।

ରସୁଣ: ଏଥିରେ ସଲଫର୍ ରହିଥାଏ । ଯେଉଁଥିରେ ଏଲିସିନ୍ ମଧ ସାମିଲ୍ ଥାଏ, ଯାହା ରକ୍ତ କୋଷିକାର ପ୍ରବାହକୁ ବଢାଇଥାଏ । ସେହିପରି ପିଆଜ ମଧ ଫ୍ଲେବୋନୋଇଡ୍ ଆଣ୍ଟି-ଅକ୍ସିଡେଣ୍ଟର ଏକ ପ୍ରମୁଖ ସ୍ରୋତ, ଯାହା ରକ୍ତ ପ୍ରବାହକୁ ବଢାଇବା ସହ ରକ୍ତନଳୀକୁ ପ୍ରଶସ୍ତ କରିଥାଏ । ଫଳରେ ରକ୍ତ ସଞ୍ଚାଳନ ତୀବ୍ର ହୋଇଥାଏ ।

ସବୁଜ ଶାଗ: ପାଳଙ୍ଗ ପରି ବିଭିନ୍ନ ପତ୍ର ଶାଗ ନାଇଟ୍ରେଟ୍‌ର ପ୍ରମୁଖ ସ୍ରୋତ । ଏହା ରକ୍ତବାହିକାକୁ ପ୍ରଶସ୍ତ କରିବା ସହ ରକ୍ତ ସଞ୍ଚାଳନରେ ସୁଧାର ଆଣିଥାଏ ।

ଡାଲଚିନି: ଏହା ଆଣ୍ଟି-ଅକ୍ସଡାଣ୍ଟରେ ଭରା, ଯାହା ରକ୍ତ ସଞ୍ଚାଳନକୁ ବଢାଇବାରେ ଖୁବ୍ ସହଯୋଗ କରିଥାଏ । ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଅକ୍ସିଡେଟିଭ୍ ଷ୍ଟ୍ରେସ୍ ଓ ରକ୍ତବାହିକାରେ ହେଉଥିବା କ୍ଷତିରୁ ରକ୍ଷା କରିବା ସହ ରକ୍ତ ସଞ୍ଚାଳନକୁ ତୀବ୍ର କରିଥାଏ ।

# ମଧୁମେହ ରୋଗୀଙ୍କ ପାଇଁ ରାମବାଣ ଛତୁ



ମସରୁମ୍ ବା ଛତୁ । ଏହା ପ୍ରାୟ ସମସ୍ତଙ୍କର ପ୍ରିୟ । ଘର ଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟ ସବୁଠି ଛତୁର ରହିଛି ବହୁତ ଡିମାଣ୍ଡ । କିନ୍ତୁ କିଛି ଲୋକଙ୍କୁ ଛତୁ ଖାଇବା ପସନ୍ଦ ନୁହେଁ । କିନ୍ତୁ ଜାଣନ୍ତି କି ଆମ ଶରୀର ପାଇଁ ଛତୁ କେତେ ହିତକାରୀ । ଆସନ୍ତୁ ଜାଣିବା...

ଛତୁ ସାମଗ୍ରିକ ସାସ୍ଥ୍ୟରେ ଉନ୍ନତି ଆଣେ । ଏହାବ୍ୟତୀତ ମଧୁମେହ ରୋଗୀମାନେ ଖାସ୍ କରି ଏହା ବେଶ୍ ଉପକାରୀ । ବିଶେଷଜ୍ଞଙ୍କ ଅନୁଯାୟୀ ଛତୁ ଏକ ସୁପରଫୁଡ । ଏହାକୁ ଖାଦ୍ୟରେ ସାମିଲ କଲେ ବ୍ଲଡ ସୁଗାର କଣ୍ଟ୍ରୋଲ ହୋଇଥାଏ । ଛତୁରେ କମ୍ ଗ୍ଲାଇସେମିକ ଇଣ୍ଡେକ୍ସ ଥାଏ। ଯାହା ବ୍ଲଡ ସୁଗାର ଲେଭଲକୁ କଣ୍ଟ୍ରୋଲ କରେ । ଅର୍ଥାତ ଏହା ମାଧ୍ୟମରେ ଆପଣ ଗ୍ଲୁକୋଜ ସ୍ତରକୁ ନିୟନ୍ତ୍ରଣ କରିପାରିବେ।

ଛତୁ ଖାଇବା ଦ୍ୱାରା କ୍ୟାଲେରୀ ବୃଦ୍ଧି ନିୟନ୍ତ୍ରଣରେ ରହିଥାଏ । ଛତୁର ଅଳ୍ପ ପରିମାଣରେ ସୁଗାର ଏବଂ କାର୍ବୋହାଇଡ୍ରେଟ୍ ଥାଏ । ଆଉ ଏହା କ୍ୟାଲେରୀ ବୃଦ୍ଧିକୁ ରୋକିବା ସହ ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଛତୁରେ ପଲିସାକାରାଇଡ ରହିଥାଏ।

ଯେଉଁଥିରେ ଆଣ୍ଟି-ଡାଇବେଟିସର ପ୍ରଭାବ ରହିଥାଏ। ଏହା ମଧୁମେହ ରୋଗର ପ୍ରତିରକ୍ଷା ପାଇଁ ସୁରକ୍ଷା କବଚ ସୃଷ୍ଟି କରେ। ଯାହା ରୋଗୀଙ୍କ ସାସ୍ଥ୍ୟ ପାଇଁ ବହୁତ ଭଲ। ଯେଉଁମାନେ ନିୟମିତଭାବେ ଛତୁ ଖାଆନ୍ତି ସେମାନଙ୍କୁ ଓଜନ ନିୟନ୍ତ୍ରଣ କରିବା ସହଜ ହୋଇଥାଏ। ତେଣୁ ଛତୁକୁ ଦୈନନ୍ଦିନ ଖାଦ୍ୟଶୈଳୀରେ ସାମିଲ କରିବା ଉଚିତ୍ ।

# ଆପଣ ଅବସାଦଗ୍ରସ୍ତ କି ?



ସମ୍ପ୍ରତି ବିଶ୍ୱବ୍ୟାପୀ ଅବସାଦ ଓ ଉଦ୍‌ବେଗ ପରି ମାନସିକ ରୋଗ ଦିନକୁ ଦିନ ବଢିବାରେ ଲାଗିଛି। ବିଶ୍ୱ ସାସ୍ଥ୍ୟ ସଂଗଠନର ଏକ ଆକଳନ ଅନୁଯାୟୀ, ବିଶ୍ୱର ପ୍ରାୟ ୨୮ କୋଟିରୁ ଅଧିକ ଲୋକ ଅବସାଦଗ୍ରସ୍ତ ହୋଇଥିବା ବେଳେ ୨୬ କୋଟିରୁ ଅଧିକ ଲୋକଙ୍କୁ ଉଦ୍‌ବେଗ ବ୍ୟାଧି ଘାରିଛି। ଏହି ଉଭୟ ମାନସିକ ସାସ୍ଥ୍ୟାବସ୍ଥା ଦୈନନ୍ଦିନ ଜୀବନ, ସମ୍ପର୍କ ଓ ଶାରୀରିକ ସାସ୍ଥ୍ୟକୁ ଭୀଷଣ ଭାବରେ ପ୍ରଭାବିତ କରିଥାଏ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ସମସ୍ୟାକୁ ଅଣଦେଖା କରାଯାଏ କିମ୍ବା ଭୁଲ୍ ବୁଝାଯାଏ। ବିଶେଷ କରି ଏହାର ପ୍ରାରମ୍ଭିକ ଲକ୍ଷଣଗୁଡିକୁ ଅଣଦେଖା କରାଯାଇଥାଏ। ତେବେ ଚାଲନ୍ତୁ ଜାଣିବା ମାନସିକ ଅବସାଦର କିଛି ଲକ୍ଷଣ ବିଷୟରେ...

ମନ ଦୁଃଖ ଲାଗିବାକୁ ମାନସିକ ଅବସାଦ ବୋଲି କହି ହେବ ନାହିଁ। ଯଦି ଅନେକ ଦିନ ଧରି ମନରେ ଏପରି ଦୁଃଖାନୁଭବ କି ଶୂନ୍ୟତା ଭାବ କିମ୍ବା ନିରାଶା ଜାରି ରହେ, ତେବେ ଆପଣ ଅବସାଦଗ୍ରସ୍ତ ହୋଇଥିବାର ସମ୍ଭାବନା ରହିଛି। ପୂର୍ବରୁ ଉପଭୋଗ କରୁଥିବା କାର୍ଯ୍ୟ ବା ସଉକ ଏବଂ ସାମାଜିକ କାର୍ଯ୍ୟକଳାପ ଆଦିରେ ଆଗ୍ରହ ନ ରହିବା ମଧ ହେଉଛି ଅବସାଦର ଲକ୍ଷଣ। ଭୋକରେ ପରିବର୍ତ୍ତନ ହେତୁ ଓଜନ ବଢିବା କି କମିବା ମଧ ଅବସାଦ ଯୋଗୁଁ ହୋଇଥାଏ। ସେହିପରି ଅନିଦ୍ରା ବା ଅଧିକ ନିଦ୍ରା ମଧ ଅବସାଦ ସହ ଜଡିତ। ବିଶ୍ରାମ ପରେ ମଧ କ୍ଲାନ୍ତ ବା ଦୁର୍ବଳ ଅନୁଭବ କରିବା ଅବସାଦର ଆଉ ଏକ ସଙ୍କେତ। ଅବସାଦ ମଧ ନିଷ୍ପତ୍ତି ଗ୍ରହଣ, ସ୍ମୃତି ଓ ଏକାଗ୍ରତାକୁ ପ୍ରଭାବିତ କରିଥାଏ। ସର୍ବୋପରି ମୃତ୍ୟୁ କିମ୍ବା ଆତ୍ମହତ୍ୟାର ଭାବନା ବାରମ୍ବାର ଆସିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ, ଯାହାପ୍ରତି ତୁରନ୍ତ ଧ୍ୟାନ ଦେବା ଜରୁରୀ। ଏଭଳି ଲକ୍ଷଣ ଥିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଯିବା ଗୁରୁତ୍ୱପୂର୍ଣ୍ଣ।

# ହୃଦ୍‌ଘାତର ଆଶଙ୍କା କମାଏ ଆଭୋକାଡୋ

ସୁସ୍ଥ ରହିବା ପାଇଁ ସନ୍ତୁଳିତ ଆହାର ଜରୁରି । ସେଥିପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାରର ଫଳ ଓ ପନିପରିବାକୁ ସାମିଲ୍ କରିବାକୁ କୁହାଯାଇଥାଏ । ପ୍ରତ୍ୟେକ ଫଳର କିଛି ନା କିଛି ବିଶେଷତ୍ୱ ରହିଥାଏ, ଯାହାଦ୍ୱାରା ଲୋକମାନେ ଏହାକୁ ପସନ୍ଦ କରିଥାନ୍ତି । ସେମିତି ଏକ ଫଳ ହେଉଛି ଆଭୋକାଡୋ, ଯାହା ଶରୀର ପାଇଁ ଖୁବ୍ ? ଲାଭଦାୟକ । ଏହା ପୋଷକ ତତ୍ତ୍ୱରେ ଭରା, ଯାହା ପାଚନ ତନ୍ତ୍ରଠାରୁ ଆରମ୍ଭ କରି ମଧୁମେହ ଓ ହୃଦ୍‌ଘାତ ତଥା ମସ୍ତିଷ୍କ ପାଇଁ ମଧ ବେଶ ଉପକାରୀ । ଚାଲନ୍ତୁ ଜାଣିବା ଆଭୋକାଡୋ



ଶରୀରକୁ କେତେ ସୁସ୍ଥ ରଖିଥାଏ । ଆଭୋକାଡୋ ଲିପଡ୍ ପ୍ରୋଫାଇଲ୍‌ରେ ସୁଧାର ଆଣିବା ସହ ହୃଦୟକୁ ସୁରକ୍ଷାତ୍ମକ ବଳୟ ଦେଇଥାଏ । ନିୟମିତ ୫ ସପ୍ତାହ ଆଭୋକାଡୋ ଖାଇବା ଦ୍ୱାରା ବଢିଥିବା ଲିପିଡ୍ ପ୍ରୋଫାଇଲ୍ ସ୍ତରକୁ କମ୍ କରାଯାଇପାରେ । ଟ୍ରାଇଗ୍ଲିସରାଇଡସ୍‌ଏବଂ ଏଲ୍‌ଡିଏଲ୍‌କୁ କମ୍ କରି ଏଚ୍‌ଡିଏଲ୍‌କୁ ବଢାଇଥାଏ । ଡାଏଟ୍‌ରେ ଆଭୋକାଡୋକୁ ସାମିଲ୍ କରିବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଅଧିକ ବଢି ନଥାଏ । ଦିନକୁ ଅଧା ଆଭୋକାଡୋ ଖାଇବା ଦ୍ୱାରା ଶର୍କରାର ବୃଦ୍ଧିକୁ ନିୟନ୍ତ୍ରିତ କରାଯାଇପାରିବ । ନିୟମିତ ଖାଇବା ଦ୍ୱାରା ଏହା ପେଟର ଚର୍ବି ଓ ଅନ୍ତଃନଳୀରେ ଜମୁଥିବା ଚର୍ବିକୁ ମଧ କମ୍ କରିଥାଏ । ଅନ୍ତଃନଳୀରେ ଜମୁଥିବା ଚର୍ବି ମଧୁମେହର କାରଣ ସାଜିଥାଏ । ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଆଭୋକାଡୋ ଅଧିକ ଆଣ୍ଟି ଅକ୍ସିଡାଣ୍ଟ ଅବଶୋଷଣ କରିଥାଏ । ଆଭୋକାଡ୍ ସହ ଟମାଟୋ ସସ୍ ମିଶାଇ ଖାଇବା ଦ୍ୱାରା ଭିଟାମିନ୍ ଏ'ର ଅବଶୋଷଣ ବଢିଥାଏ, ଯାହା ଚର୍ମ, ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ମହତ୍ତ୍ୱପୂର୍ଣ୍ଣ ।

# ଛୁଆଙ୍କୁ ହୋଇଥାଏ ହାଡ଼ରେ କ୍ୟାନସର



କ୍ୟାନସରରେ ପୀଡ଼ିତ ହୋଇ ପ୍ରତି ବର୍ଷ ଲକ୍ଷ୍ୟ ଲକ୍ଷ୍ୟ ଲୋକ ମୃତ୍ୟୁବରଣ କରୁଛନ୍ତି। ସାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ଏହି ରୋଗର ମୁଖ୍ୟ କାରଣ ଜେନେଟିକ ମଧ ହୋଇପାରେ। ତେବେ ଖାଦ୍ୟପେୟ ଓ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ଅଲ୍ସର ହେବାର ସମ୍ଭାବନା ରହିଛି। ଯାହା ବର୍ତ୍ତମାନ ସମୟରେ ବେଶ୍ ସାଧାରଣ ହୋଇଯାଇଛି । ଏହା ହେବା ଦ୍ୱାରା ଲୋକେ କମ୍ ବୟସରେ ହିଁ କର୍କଟ ରୋଗର ଶିକାର ହୋଇଥାନ୍ତି। ଆଜିକାଲି କର୍କଟ ରୋଗର ବିପଦ ସବୁ ବୟସର ଲୋକଙ୍କ ପାଖରେ ଦେଖାଯାଉଛି।

ଛୋଟ ଛୁଆଙ୍କଠାରେ କର୍କଟ ରୋଗ ଅତ୍ୟନ୍ତ ତୀବ୍ର ହୋଇ ବଢ଼ି ଚାଲିଛି। କିଛି ଛୁଆଙ୍କ ଠାରେ କ୍ୟାନ୍ସର ତାଙ୍କର ଜେନେଟିକ ଅଟେ । କ୍ୟାନ୍ସର ରେଡିଏସନ୍‌ର ଅଧିକ ସମ୍ପର୍କରେ ଆସିବା କାରଣରୁ କ୍ୟାନ୍ସରର ବିପଦ ଶୀଘ୍ର ବଢ଼ିଥାଏ। ଯଦି ଛୁଆଟିର ପରିବାରରେ କିଏ ଧୁମ୍ରପାନ କରୁଥାଏ ତେବେ ଛୁଆ ପାଇଁ କ୍ୟାନ୍ସରର ବିପଦ ବଢ଼ିଥାଏ ।ଶାରୀରିକ କାର୍ଯ୍ୟକଳାପ ଅଭାବରୁ ହେଉଛି ଏହିସବୁ ଅସୁବିଧା। ଆଜିକାଲି ଛୁଆଙ୍କ ଠାରେ ବହୁତ ଶୀଘ୍ର କର୍କଟ ରୋଗ ବଢୁଛି। ଛୁଆଙ୍କୁ ହେଉଥିବା କ୍ୟାନ୍ସର ବଡ଼ ଲୋକଙ୍କ ଠାରୁ ବହୁତ ଅଲଗା ଥାଏ। କାରଣ ଛୁଆଙ୍କୁ ସେସବୁ ସାମ୍ନା କରିବାକୁ ପଡ଼ି ନଥାଏ ଯାହା ବଡ଼ ଲୋକମାନେ କରିଥାଆନ୍ତି। ବଡଲୋକଙ୍କୁ କ୍ୟାନ୍ସର ହେବାର ଅନେକ କାରଣ ଥାଇପାରେ । ଯେପରିକି ଜୀବନଶୈଳୀ, ଧୁମ୍ରପାନ, ମାଦକ ଦ୍ରବ୍ୟ ଏବଂ ଅତ୍ୟଧିକ ବିଷାଦଗ୍ରସ୍ତ ରହିବା ଇତ୍ୟାଦି। ସେହିପରି ଛୁଆ ଙ୍କ ଠାରେ ଏହିସବୁ କାରଣ ନଥାଏ। ସେମାନେ ମଦ ଏବଂ ଧୁମ୍ରପାନ କରି ନଥାନ୍ତି। ଯେଉଁ ଛୁଆଙ୍କୁ ଡାଉନ୍ ସିଣ୍ଡ୍ରୋମର ଅସୁବିଧା ରହିଛି, ସେମାନଙ୍କୁ କ୍ୟାନ୍ସର ହେବାର ବିପଦ ଅଧିକ ରହିଥାଏ। ଯଦି କୌଣସି ଛୁଆର ଜୀବନଶୈଳୀ ଏବଂ ଖାଦ୍ୟପେୟ ଠିକ୍ ନାହିଁ ଏବଂ ବାରମ୍ବାର ପିଜ୍ଜା , ବର୍ଗର, ଚାଉମିନ, ଫ୍ରେଞ୍ଚ୍ ଫ୍ରାଇଜ ଇତ୍ୟାଦି ଖାଇଥାନ୍ତି ସେମାନଙ୍କୁ କ୍ୟାନ୍ସର ର ବିପଦ ବହୁତ ଅଧିକ ରହିଥାଏ।

# ଭଲ ହଜମ ହେଉନଥିଲେ...

**ଯଦି ହଜମ ପ୍ରକ୍ରିୟାରେ କୌଣସି ସମସ୍ୟା ନାହିଁ, ତେବେ ସ୍ୱାସ୍ଥ୍ୟରେ ମଧ କୌଣସି ସମସ୍ୟା ଦେଖାଯିବାର ନାହିଁ। ମୋଟା ମୋଟି ଭାବେ ଉତ୍ତମ ସ୍ୱାସ୍ଥ୍ୟର ରହସ୍ୟ ଏକ ଭଲ ହଜମ ପ୍ରକ୍ରିୟା ବୋଲି ବିବେଚନା କରାଯାଏ। କିନ୍ତୁ ବର୍ତ୍ତମାନ ସମୟରେ ଏହା ଆଉ ଏକ ମୁଖ୍ୟ ସମସ୍ୟା ପାଲଟିଛି।**

ଜୀବନଶୈଳୀରେ ପରିବର୍ତ୍ତନ କାରଣରୁ ଅନେକ ଲୋକ ହଜମଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦି ଆପଣଙ୍କର ମଧ ଏହି ସମସ୍ୟା ରହିଛି, ତେବେ ଏଠାରେ କିଛି ଖାଦ୍ୟ ତାଲିକା ରହିଛି, ଯାହାକୁ ଖାଇବା ଦ୍ୱାରା ହଜମ ଭଲ ହେବା ସହ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରହିପାରିବ, କଣ ସେହି ସବୁ ଖାଦ୍ୟ ଜାଣନ୍ତୁ...

ଅଦା- ପେଟକୁ ସୁସ୍ଥ ରଖିବା ପାଇଁ ଅଦା ବେଶ୍ ଲାଭଦାୟକ। ଅଦାରେ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଗୁଣ ଭରପୂର ଥିବାରୁ ଏହା ପ୍ରଦାହ ଏବଂ ସଂକ୍ରମଣକୁ ଦୂରେଇ ରଖେ। ଅଦା ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ଓ ଅମ୍ଳତା ଭଳି ସମସ୍ୟା ମଧ ଦୂର ହୋଇଯାଏ ଏବଂ ହଜମ ଭଲ ରହିଥାଏ।

କିୱି- ଭିଟାମିନ୍-ସି ଭରପୂର ପରିମାଣରେ ଥାଏ କିୱିରେ। ଏଥିରେ ପ୍ରଚୁର ପରିମାଣର ଫାଇବର ମଧ ରହିଥାଏ, ଯାହା କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ। କିୱି ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ମଧ ସୁସ୍ଥ ରହିଥାଏ।

ଦହି- ଭଲ ହଜମ ପାଇଁ ନିଶ୍ଚିତ ରୂପେ ଖାଦ୍ୟରେ ଦହି ଅନ୍ତର୍ଭୁକ୍ତ କରନ୍ତୁ। ଦହିରେ ପ୍ରୋବାୟୋଟିକ୍ ଗୁଣ ଅନ୍ତଃ ସ୍ୱାସ୍ଥ୍ୟକୁ ଭଲ ରଖେ। ଏହା ବ୍ୟତୀତ, ଦହି ଉତ୍ତମ ହଜମ ବଜାୟ ରଖିବାରେ ସାହାଯ୍ୟ କରେ।

ହଳଦୀ- ହଳଦୀ ଅନ୍ତଃ ଓ ବାହ୍ୟ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ଭାବେ ବିବେଚନା କରାଯାଏ। ଏଥିରେ ଥିବା ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଗୁଣ ପେଟକୁ ସୁସ୍ଥ ରଖେ। ହଳଦୀ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଏକ ଉତ୍ତମ ଉପାଦାନ। ଏହାକୁ ନିୟମିତ ଖାଇବା ଦ୍ୱାରା ପେଟରେ ବ୍ୟାକ୍ଟେରିଆ ଓ ଜୀବାଣୁ ନଷ୍ଟ ହୋଇଯାଏ, ଫଳରେ ଭଲ ହଜମ ହୋଇଥାଏ।

ସେଓ- ଏଥିରେ ଉତ୍ତମ ପରିମାଣର ଦ୍ରବଣୀୟ ଫାଇବର ପେକ୍ଟିନ୍ ମିଳିଥାଏ। ଏହା ହଜମ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ, ବିଶେଷକରି କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ ।

# ବେଲି ଫ୍ୟାଟ କମାଇବାକୁ ଚାହୁଁଛନ୍ତି କି ?

**ବର୍ତ୍ତମାନ ସମୟରେ ବେଲି ଫ୍ୟାଟର ସମସ୍ୟା ବହୁତ ସାଧାରଣ ହୋଇଯାଇଛି। ଖରାପ ଜୀବନଶୈଳୀ, ଖାଦ୍ୟପେୟ , ଘଣ୍ଟା ଘଣ୍ଟା ଧରି ଚୌକିରେ ବସିବା ଦ୍ୱାରା ପେଟରେ ଚର୍ବି ଜମିଯାଏ। ଲୋକ ବେଲି ଫ୍ୟାଟ କମାଇବା ପାଇଁ ଡାଏଟିଂ ଠାରୁ ଆରମ୍ଭ କରି ଜିମ୍ ମଧ ଯାଇଥାନ୍ତି। କିନ୍ତୁ ନିଜର ଦୈନିକ ଆହାରରେ କିଛି ପନିପରିବାକୁ ଗ୍ରହଣ କରି ଆପଣ ନିଜର ବେଲି ଫ୍ୟାଟକୁ କମ କରିପାରିବେ। ତେବେ ଆସନ୍ତୁ ଜାଣିବା କେଉଁସବୁ ପନିପରିବା ଗ୍ରହଣ କରିବା ଉଚିତ।**

ଗାଜର:-ଗାଜର ଭିଟାମିନ ଏ, କେରୋଟିନାଏଡ ଏବଂ ଅନ୍ୟ ଏଣ୍ଟିଅକ୍ସିଡେଣ୍ଟର ଏକ ଉତ୍ତମ ସ୍ରୋତ ଅଟେ । ଏହା ମୋଟପଣ କମ କରାଇ ଶୀଘ୍ର ଓଜନ କମାଇବାରେ ସାହାଯ୍ୟ କରିଥାଏ। ଏଥି ସହିତ ମୋଟାପଣ ସମ୍ବନ୍ଧିତ ଅନ୍ୟାନ୍ୟ ସମସ୍ୟାକୁ ମଧ କମ୍ କରିଥାଏ। ଏହା ଆପଣଙ୍କ ତ୍ୱଚା ଏବଂ କେଶ ପାଇଁ ମଧ ବହୁତ ଭଲ। ନିଜର ଦିନନ୍ଦିନ ଜୀବନରେ ଗାଜର କୁ ଗ୍ରହଣ କରନ୍ତୁ।

ବିନ୍ସ:-ନିୟମିତ ରୂପରେ ବିନ୍ସ ଖାଇବା ଦ୍ୱାରା ମୋଟାପଣର ବିପଦ କୁ କମ କରିପାରିବେ। କାରଣ ସେଥିରେ ଫାଇବର ପ୍ରଚୁର ମାତ୍ର ରେ ରହିଛି। ଏହା ଶରୀରକୁ ଫୁଲିବାରୁ ରକ୍ଷା କରି ପେଟ ରେ ଚର୍ବି ଜମା ହେବାକୁ ଦେଇନଥାଏ। ଏହା ରକ୍ତରେ ଥିବା ଶର୍କରାର ସ୍ତରକୁ ସ୍ଥିର ରଖିବାରେ ସାହାଯ୍ୟ କରିଥାଏ।

ଶତାବରୀ :- ଏହା ଏକ କମ୍ କ୍ୟାଲୋରୀ ଯୁକ୍ତ ପରିବା ଅଟେ । ଏହା ଫାଇବର ରେ ଭରପୁର ହୋଇ ରହିଥାଏ। ଯାହା ଅଧିକ ସମୟ ପାଇଁ ପାଟି କୁ ଅଟକାଇ ସ୍ନାକିଙ୍ଗର ଇଚ୍ଛାକୁ କମ କରିଥାଏ। ଏହା ପାଚନ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ ଏବଂ ଫ୍ୟାଟ କୁ କମାଇବରେ ସାହାଯ୍ୟ କରିଥାଏ। ଏହା କ୍ୟାଲସିୟମ, ଆୟରନ, ଜିଙ୍କ, ମ୍ୟାଗ୍ନେସିୟମ, କପର, ପୋଟାସିୟମ ଆଦି ଅନ୍ୟ ଖଣିଜ ପଦାର୍ଥରେ ଭରପୁର ଅଟେ।



କ୍ୟାପ୍ସିକମ୍ :- ଏହା ପୋଷକତତ୍ତ୍ୱରେ ଭରପୁର ହେବା ସହ କ୍ୟାଲୋରିରେ ମଧ କମ୍ ହୋଇଥାଏ। ଏହା ଭୋଜନ ପରେ ତୃପ୍ତିର ଭାବନାକୁ ବଢ଼ାଇଥାଏ। ଅର୍ଥାତ୍ ଆପଣଙ୍କ ପେଟ ପୂର୍ଣ୍ଣ ରହିଥାଏ ଏବଂ ଆପଣ ବାରମ୍ବାର ଖାଇବାରୁ ବଞ୍ଚିଥାଆନ୍ତି। ଏଥିରେ ଥିବା ଫାଇବର ଏବଂ କେପ୍ସାଇସିନ ଓଜନ କମାଇବାରେ ସହାୟକ ହୋଇଥାଏ। ଯାହାଦ୍ୱାରା ଆପଣଙ୍କର ପେଟର ଚର୍ବି କମିଯାଏ ।

ବ୍ରୋକୋଲି:-ଏଥିରେ ଫାଇଟୋକେମିକଲ୍ସ ଭଳି ଶକ୍ତିଶାଳୀ ଏଣ୍ଟିଅକ୍ସିଡେଣ୍ଟସ ରହିଥାନ୍ତି ଯାହା ଶରୀରର ଚର୍ବି କମ କରିବାରେ ସାହାଯ୍ୟ କରିଥାଏ। ଏହାଛଡା ଏଥିରେ ଫାଇବର, ଖଣିଜ ପଦାର୍ଥ ଏବଂ ଭିଟାମିନ ରହିଥାଏ ଯାହା ,ସ୍ୱାସ୍ଥ୍ୟର ଉନ୍ନତି ରେ ସାହାଯ୍ୟ କରିଥାଏ। ଏକ କପ ବ୍ରୋକୋଲି ଭିଟାମିନ ବି୨, ସି, କେ ସହ ଫସଫରସ, ମ୍ୟାଗ୍ନେସିୟମ, ପ୍ରୋଟିନ ଏବଂ ଓମେଗା ୩ ଫ୍ୟାଟି ଏସିଡ ପ୍ରଦାନ କରିଥାଏ ଯାହା ଶରୀର ପାଇଁ ଅତ୍ୟନ୍ତ ଉତ୍ତମ ଅଟେ।



# ଶୋଇବା ପୂର୍ବରୁ ପିଅନ୍ତୁ ଗରମ ପାଣି

**ଗରମ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ତାହା ତ ସମସ୍ତେ ଜାଣିଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ ସକାଳେ ଉଠି ସର୍ବପ୍ରଥମେ ଗରମ ପାଣି ପିଇବାକୁ ପରାମର୍ଶ ଦିଅନ୍ତି । କିନ୍ତୁ ଆପଣ ଜାଣନ୍ତି କି ରାତିରେ ଶୋଇବା ପୂର୍ବରୁ ଗରମ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ହୋଇଥାଏ । ଅନେକ ସ୍ୱାସ୍ଥ୍ୟ ଉପକାର ବ୍ୟତୀତ, ଶୋଇବା ପୂର୍ବରୁ ଉଷ୍ଣମ ପାଣି ପିଇବା ଦ୍ୱାରା ଭଲ ନିଦ ମଧ ଆସିଥାଏ । ଏହା ବ୍ୟତୀତ ଏହା ଅନ୍ୟାନ୍ୟ ଅନେକ ସମସ୍ୟା ଦୂର କରିବାରେ ମଧ ଖୁବ ପ୍ରଭାବଶାଳୀ ।**

ଶରୀର ଡିଟକ୍ସ ହୋଇଥାଏ: ଉଷ୍ଣମ ପାଣି ପିଇବା ଦ୍ୱାରା କେବଳ ଓଜନ କମିନଥାଏ ବରଂ ଏହା ଆପଣଙ୍କ ଶରୀରକୁ ମଧ ଡିଟକ୍ସିଫାଏ ମଧ କରାଯାଇଥାଏ । ରାତ୍ରିଭୋଜନର ଅଧ ଘଣ୍ଟା ପରେ କିମ୍ବା ଶୋଇବାର ଏକ କିମ୍ବା ଦୁଇ ଘଣ୍ଟା ପୂର୍ବରୁ ଉଷ୍ଣମ ପାଣି ପିଇବା ଶରୀରର ସଠିକ୍ ଭାବରେ ହଜମ କରିବାରେ ସାହାଯ୍ୟ କରିଥାଏ ଏବଂ ସକାଳେ ଶରୀରରୁ ଟକ୍ସିନ ବାହାରି ଯାଇଥାଏ ।

ଶରୀର ଆକ୍ଟିଭ ରହିଥାଏ: ଗରମ ପାଣି ଆପଣଙ୍କ ଶରୀରର ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ । ଆପଣ ଗରମ ପାଣିରେ ଅଳ୍ପ ଲେମ୍ବୁ ରସ ମଧ ମିଶାଇ ପାରିବେ । ଏହା ଆପଣଙ୍କ ଶରୀରକୁ ଶକ୍ତି ମଧ ଯୋଗାଇବ ।

ପେଟ ସମ୍ବନ୍ଧୀୟ ସମସ୍ୟା ଦୂର ହୁଏ: ରାତିରେ ଶୋଇବା ପୂର୍ବରୁ ଗରମ ପାଣି ପିଇବା ଦ୍ୱାରା ଅନେକ ପେଟ ସମ୍ବନ୍ଧୀୟ ରୋଗ ନିୟନ୍ତ୍ରିତ ହୋଇଥାଏ । ଯେପରିକି କୋଷ୍ଠକାଠିନ୍ୟ, ବଦହଜମି ଏବଂ ଗ୍ୟାସ୍ ଇତ୍ୟାଦି । ରାତିରେ ଆମର ହଜମ ପ୍ରକ୍ରିୟା ଦୁର୍ବଳ ରହିଥାଏ, ତେଣୁ ଗରମ ପାଣି ପିଇବା ଦ୍ୱାରା ଖାଦ୍ୟ ଶୀଘ୍ର ହଜମ ହେବାରେ ସାହାଯ୍ୟ ମିଳିଥାଏ ।

ଚିନ୍ତା ଦୂର ହୁଏ: ରାତିରେ ଶୋଇବା ପୂର୍ବରୁ ଉଷ୍ଣମ ପାଣି ପିଇବା ଦ୍ୱାରା ସଟ୍ରେସ ଏବଂ ଡିପ୍ରେସନ ମଧ କମିଯାଏ । ଜଳର ଅଭାବ ଆପଣଙ୍କ ମସ୍ତିଷ୍କକୁ ପ୍ରଭାବିତ କରିଥାଏ, ତେଣୁ ରାତିରେ ଶୋଇବା ପୂର୍ବରୁ ଉଷ୍ଣମ ପାଣି ପିଇବା ଭଲ ନିଦ ଆସିବାରେ ସାହାଯ୍ୟ କରିଥାଏ ଏବଂ ସଟ୍ରେସକୁ ମଧ ହ୍ରାସ କରିଥାଏ ।

ମୁହଁରେ ରିଙ୍କଲ୍ସ କମ ହେବ: ବୟସ ବଢିବା ସହିତ ଚେହେରାରେ ରିଙ୍କଲ୍ସ ଦେଖାଯିବା ଆରମ୍ଭ ହୋଇଥାଏ । ଯଦି ଆପଣ ମଧ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ତୁରନ୍ତ ଗରମ ପାଣି ପିଇବା ଆରମ୍ଭ କରନ୍ତୁ । ଗରମ ପାଣି ଚର୍ମକୁ ସୁସ୍ଥ ରଖିଥାଏ ଏବଂ ରିଙ୍କଲ୍ସ କମ କରିଥାଏ ।

ମେଟାବୋଲିଜିମ୍ ବୃଦ୍ଧି ହୋଇଥାଏ: ରାତିରେ ଗରମ ପାଣି ପିଇବା ଦ୍ୱାରା ଶରୀରର ମେଟାବୋଲିଜିମ୍ ଲେବଲ ଶୀଘ୍ର ବଢିଥାଏ ଏବଂ ସୁସ୍ଥ ଢଙ୍ଗରେ ଶରୀରର ଓଜନ କମିଥାଏ । ବାସ୍ତବରେ ଗରମ ଫ୍ୟାଟ ବର୍ନ କରିଥାଏ । ଯେଉଁ କାରଣରୁ ଭଲ ଭାବରେ ହଜମ ମଧ ହୋଇଥାଏ ଏବଂ ପାଣି ପିଇବା ଦ୍ୱାରା ବାରମ୍ବାର ଭୋକ ଲାଗିନଥାଏ ।

ମାତୃଭାଷା



# ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ



**ରାୟଗଡା (ମାନିସ):** ରାୟଗଡ଼ ଜିଲ୍ଲା ରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ, ୨୦୨୫. ମହା ସମାରୋହରେ ପାଳିତ ହୋଇଯାଇଛି। ୫୦ ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମାଁ ମାନେ ଏହି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡ଼ ଶ୍ରୀ ମୃଣ୍ମୟ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏଶ୍. କେ. ଏହେସାନ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ରାୟଗଡ଼ ଶ୍ରୀ ସୁଶାନ୍ତ କୁମାର ଗଉଡ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ରାୟଗଡ଼ ଶ୍ରୀ ସଙ୍କର ଚାଲାଣ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିଭାଗ ଶ୍ରୀ ସମ୍ପଦ ସ୍ୱରୂପ ସାମଲ ଯୋଗ ଦେଇଥିଲେ । ଏହି ଅବସରରେ ସଫଳ ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାୟଗଡ଼ ଜିଲ୍ଲାର ମତ୍ସ୍ୟ ବିକାଶ କ୍ଷେତ୍ରରେ କାର୍ଯ୍ୟଧାରା ଉପରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ନିଜର ଅଭିଭାଷଣ ରଖିଥିଲେ। ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସହକାରୀ ମତ୍ସ୍ୟ ଅଧିକାରୀ, ମୁଖ୍ୟାଳୟ, ରାୟଗଡ଼ ସୁଶ୍ରୀ ପ୍ରୀତିଶ ନନ୍ଦା ପଟ୍ଟନାୟକ ଆଲୋଚନା କରିଥିଲେ। ଏହା ସହିତ ମତ୍ସ୍ୟ ସମ୍ପଦର ସୁରକ୍ଷା, ଜଳ ସମ୍ପଦ ର ଦାୟିତ୍ୱପୂର୍ଣ୍ଣ ପରିଚାଳନା ଦିଗ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ ତୃଣମୂଳ ସ୍ତରରେ ଗ୍ରାମୀଣ ଅର୍ଥ ନୀତି ର ବିକାଶ ପାଇଁ ପ୍ରାଣୀ ପାଳନ କୁକୁଡ଼ା ପାଳନ ମତ୍ସ୍ୟ ଚାଷ କିପରି ସହାୟକ ହେଇପାରିବ ସେ ସମ୍ପର୍କରେ ବିଶେଷଭାବେ ଅତିଥିମାନେ ମତ୍ସ୍ୟ ଚାଷୀଙ୍କର ଦୃଷ୍ଟିଆକର୍ଷଣ କରଥିଲେ । ମତ୍ସ୍ୟ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ଚାଷୀ ତଥା ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ପ୍ରାଣୀ ସମ୍ପଦ କୁ ନିରୋଗ ଏବଂ ନିରାମୟ ରଖିବା ସହ ରାୟଗଡ଼ ଜିଲ୍ଲା କିପରି ମାଛ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିଜର ମତବ୍ୟକ୍ତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରିବାରେ ମତ୍ସ୍ୟ ବିଭାଗ ର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସହାୟତା କରିଥିଲେ।

## ସ୍ୱଧର୍ମକୁ ଫେରିଲେ ୧୭ ପରିବାର

**ମାଲକାନଗିରି:** ମାଥିଲି ବ୍ଲକ କମାରପାଲ୍ଲୀ ପଂଚାୟତ ସୋଡିଗୁଡ଼ା ଗ୍ରାମର ୧୭ ପରିବାର ଆଜି ସ୍ୱଧର୍ମକୁ ଫେରିଛନ୍ତି । ଆଦିବାସୀ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ପୁଣି ନିଜ ଧର୍ମକୁ ଫେରି ନିଜ ମଧ୍ୟରେ ଥିବା ପାତର ଅନ୍ତରକୁ ଭୁଲି ଏକାଠି ରହିବା ପାଇଁ ଶପଥ ନେଇଛନ୍ତି ।
ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ସୋଡିଗୁଡ଼ା ଗ୍ରାମରେ ବୈଠକ ବସିଥିଲା । କମାରପାଲ୍ଲୀ ପଂଚାୟତ ସମେତ ମହୁପଦର ପଂଚାୟତର ଶତାଧିକ ମହିଳା, ପୁରୁଷ ବୈଠକରେ ଏକତ୍ର ହୋଇଥିଲେ । ବୈଠକରେ ପୁଲିସ ଓ ବ୍ଲକ ପ୍ରଶାସନ ଅଂଚଳବାସୀ ଜାତି, ଧର୍ମ ଭେଦଭାବ ଭୁଲି କିପରି ଶୃଙ୍ଖଳାରେ ରହିବେ ସେ ନେଇ ଆଲୋଚନା କରିଥିଲେ । ବୈଠକରେ ନିଜ ପରମ୍ପରାକୁ ଭୁଲି ଅନ୍ୟ ଧର୍ମ ଗ୍ରହଣ କରିଥିବା ୧୭ ପରିବାର ପୁଣି ସ୍ୱଧର୍ମକୁ ଫେରିଆସିଥିଲେ । ଆଦିବାସୀ ସମାଜରେ ରହିଥିବା ସମସ୍ତ ପର୍ବପର୍ବାଣୀ ସହ ରୀତିନୀତିକୁ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରି ଅଂଚଳର ବାତାବରଣକୁ ଖରାପ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ତେଣୁ ଲୋକେ ଦୀର୍ଘ ବର୍ଷ ଧରି ଅନ୍ୟ ଧର୍ମ ଗ୍ରହଣ କରିଥିବା ଲୋକଙ୍କୁ ପୁଣି ନିଜ ଧର୍ମକୁ ଫେରିବାକୁ ବୁଝାଉଥିଲେ। କିନ୍ତୁ, ସେମାନେ ଫେରିବାକୁ ନାରାଜ ଥିଲେ । ଧର୍ମ ପରିବର୍ତ୍ତନ କଲେ ରୋଗ ଭଲ ହେଉଥିବାରୁ ବିଶ୍ୱାସ ରହିଥିବା ଧର୍ମ ପରିବର୍ତ୍ତନକାରୀ କହିଥିଲେ।

# ରାୟଗଡାରେ ଡିସେମ୍ବର ୧୭ରୁ ଆରମ୍ଭ ହେବ ଧାନ ମଣ୍ଡି

**ରାୟଗଡା (ମାନିସ):** ଆସନ୍ତା ଡିସେମ୍ବର ମାସ ୧୭ ତାରିଖରୁ ରାୟଗଡା ଜିଲ୍ଲାରେ ଖୋଲିବ ଧାନ ମଣ୍ଡି । ଏ ନେଇ ଆଜି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି ।

**ପଦ୍ମପୁର ଓ ଗୁଣୁପୁର ଆସନ୍ତା ଡିସେମ୍ବର ୨୪ ତାରିଖରେ ଆରମ୍ଭ ହେବ**

**ପ୍ରଥମ ପର୍ଯ୍ୟାୟରେ ୭୩ହଜାର ୨୦୦ମେଟ୍ରିକ ଟନ କିଣାଯିବ**



ରାୟଗଡ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟବର ରାୟଗଡ ବିଧାୟକ, ଶ୍ରୀଯୁକ୍ତ କାଡ୍ରାକା ଆପାଳସ୍ୱାମୀ, ବିଷମ କଟକ ବିଧାୟକ, ନୀଳମାଧ୍ୱ ହିକକା,କୋରାପୁଟ ଲୋକସଭା ସାଂସଦ ପ୍ରତିନିଧି,ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ନିହାର ରଞ୍ଜନ କହଁର,ଗୁଣପୁର ଉପଜିଲ୍ଲାପାଳ ଶ୍ରୀ ଦୁଧକ୍ଷଳ ଅଭିଷେଖ ଦିଲ୍ଲୀପ,ରାୟଗଡା ଉପଜିଲ୍ଲାପାଳ ରମେଶ କୁମାର ଜେନା,ମୁଖ୍ୟ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଦଶରାଥି ସୋରେନ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହେସକ୍ଷନ ଶେଖଙ୍କ ସମେତ ଚାଷୀପ୍ରତିନିଧି, ମିଲର୍ସ, ସମବାୟ ସମିତିସଂପାଦକ, ଏମପିସିଏସ୍ ଅଧିକାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ । ଚଳିତ ଖରିଫ ବର୍ଷରେ ପ୍ରଥମ ପର୍ଯ୍ୟାୟରେ ୭୩ ହଜାର ୨୦୦ ମେଟ୍ରିକ ଟନ ଧାନ ଚାଷୀମାନଙ୍କଠୁ କିଣାଯିବ । ଜିଲ୍ଲାରେ ୨୧ ହଜାର ୪୮୬ ଜଣ ଚାଷୀଙ୍କ ଧାନ ବିକ୍ରୟ ନିମନ୍ତେ ପଞ୍ଜୀକରଣ କରିଛନ୍ତି କ୍ଷ ଗତବର୍ଷ ୧ ଲକ୍ଷ ୨୨ ହଜାର ୬୯ ମେଟ୍ରିକ ଟନ ଧାନ ଆକାରରେ ୮୧ ହଜାର ୭୨୨ ମେଟ୍ରିକ୍ ଟନ ଚାଉଳ ସଂଗ୍ରହ କରାଯାଇଥିଲା କ୍ଷ ଜିଲ୍ଲାର ୧୮ ହଜାର ୯୬୩ଜଣ ପଂଜୀକୃତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଥିଲା ଏବଂ ଏଥିରେ ୧୪ ଟି ଲ୍ୟାମ୍ପସ୍ ଅଧିନରେ ୪୩ଟି ମଣ୍ଡି ଖୋଲାଯାଇଥିଲା ଏବଂ ଜିଲ୍ଲାର ୧୧୧ ଜଣ ମିଲର୍ସ ଅଂଶଗ୍ରହଣ କରିଥିଲେ ।

ଚଳିତ ବର୍ଷ ମଧ ୪୩ଗୋଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ କ୍ଷ ମଣ୍ଡିରେ ଚାଷୀମାନେ ଯେପରି ଧାନ ବିକ୍ରିୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ନୁହୁଅନ୍ତି ସେଥି ପାଇଁ ବିଭାଗୀୟ ଅଧିକାରୀଙ୍କୁ ମାନ୍ୟବର ରାୟଗଡ଼ ବିଧାୟକ ବୈଠକରେ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ । ଏହା ସହିତ ପ୍ରକୃତ ଚାଷୀଙ୍କୁ ବୈଠକକୁ ଡକାଯାଉ ବୋଲି କହିଥିଲେ । ଜିଲ୍ଲାରେ ଚାଷୀ ମାନକ ଠରୁ ଶାନ୍ତି ଶୃଙ୍ଖଳା ସହ ଧାନ ସଂଗ୍ରହ କରାଯିବା ପାଇଁ ଓ ଅଧିକରୁ ଅଧିକ ପଞ୍ଜିକୃତ ଚାଷୀ ଧାନ ବିକ୍ରୟ କରି ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ମାନେ ଧ୍ୟାନ ଦେବାକୁ ଜନପ୍ରତିନିଧି ମାନେ କହିଥିଲେ କ୍ଷ ଧାନର କ୍ରୟମୂଲ୍ୟ ଓଡିଶାର ଚାଷୀମାନଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ଟଙ୍କା ଓ ଏ ଗ୍ରେଡ଼ର ଧାନ ମୂଲ୍ୟ ୨୩୮୯ଟଙ୍କା ସରକକ୍ଷର ଧକ୍ଷର୍ଯ୍ୟ କରିଛନ୍ତି କ୍ଷ ଇମ୍ପୁଟ ସହାୟତା ଟ୭୩୧/- କରାଯାଇଛି । ଅନ୍ୟରଜ୍ୟର ସୀମାନ୍ତ ଅଂଚଳ ଗୁଡିକରେ କଡା ନଜର ରଖିବା ପାଇଁ ଉଭୟ ଉପଜିଲ୍ଲାପାଳ ମାନଙ୍କୁ ନିର୍ଦେଶ ଦେଇଥିଲେ । ଚାଷୀ ମାନଙ୍କ ଠାରୁ ଧାନ କିଣିବାର ୨୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଜମା କରାଯିବ କ୍ଷ ଚାଷୀ ଏଫକ୍ୟୁ ମକ୍ଷନରଧାନ ମଣ୍ଡିକୁ ଆଣିବେ । ଆରଏମସି ତରଫରୁ ସମସ୍ତ ପ୍ରକାର ସୁବିଧା କରାଯିବ ଓ ଧାନର ଗୁଣବତ୍ତା ଚେକ କରିବାକୁ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ ନିୟୋଜିତ କରାଯିବ କ୍ଷ ଚାଷୀ ମଣ୍ଡିରେ କୌଣସି ପ୍ରକାର ଅସୁବିଧା ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି । ଚାଷୀ ମାନଙ୍କ ସୁବିଧା ନିମନ୍ତେ ଧାନ ବିକ୍ରୟ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ଯୋଗାଣ ଅଧିକାରୀ ଉପସ୍ଥାପନା କରିଥିଲେ । ଜିଲ୍ଲାରେ ଖରିଫ ଧାନ ଆସନ୍ତା ମାସ ୧୭ତାରିଖରେ ଆରମ୍ଭ କରାଯାଇ ୩୧ମାର୍ଚ୍ଚ ୨୦୨୬ଯାଏଁ କିଣାଯିବ କ୍ଷ ସେହିପରି ପଦ୍ମପୁର ଓ ଗୁଣୁପୁର ବ୍ଲକରେ ଆସନ୍ତା ଡ଼ିସେମ୍ବର ମାସ ୨୪ତାରିଖରୁ ମଣ୍ଡି ଖୋଲାଯିବ କ୍ଷ ଚାଷୀମାନଙ୍କ ଜାଣିବା ପାଇଁ ବିଭିନ୍ନ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ବ୍ୟାପକ ସଚେତନତା କରାଯିବ ।

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ

## ଏକତା ପଦଯାତ୍ରା, ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସରେ ଯୋଗ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ଧାମନଗର(ମାନିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଗସ୍ତ କରି ଦୋବଲ କାଳୀ ପଡ଼ିଆ ଠାରେ ଆୟୋଜିତ ବିଶାଳ ଜନସମାବେଶ ରେ ଉଦବୋଧନ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ କରି ୧୦୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୨ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।ଶନିବାର ସକାଳ ପ୍ରାୟ ୯ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ ଦୋବଲ ଆସିବା ବାଟରେ ତାଙ୍କୁ ବିଭିନ୍ନ ଛକ ବଜାର ଆଦି ସ୍ଥାନରେ ବହୁ ସଂଖ୍ୟାରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିଲେ।ସେହିପରି ଧାମନଗର ଏନ୍ ଏ ସି ସ୍ଥିତ ଜୟନଗର୍ ଠାରୁ ଶହ ଶହ ସଂଖ୍ୟାର ମୋଟର ସାଇକେଲ ଶୋଭାଯାତ୍ରାରେ ଶ୍ରୀ ପ୍ରଧାନଙ୍କୁ ଐତିହାସିକ ଗୋହିରା ଟିକିରି ପୀଠ ପର୍ଯ୍ୟନ୍ତ ନେବା ବାଟରେ ଦୋବଲ ଠାରେ ଗୋହିରାଟିକିରି ଉନ୍ନୟନ ପରିଷଦ ସ୍ୱାଗତ କରାଯାଇଥିଲା । ପୀଠରେ ପହଞ୍ଚିବା ପରେ ମାଳିକା ବର୍ଣ୍ଣିତ ଅର୍ଜୁନ ଗଛ ମୂଳରେ ପୂଜାରେ ଯୋଗଦେଇଥିଲେ। ଏହାପରେ ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନିକଟସ୍ଥ ଆଶ୍ରମରେ ପହଞ୍ଚି ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଏବଂ ମୁକୁନ୍ଦଦେବ ସ୍ମାରକୀ ଭିତ୍ତିଭୂମି ପ୍ରକଳ୍ପର ଅନୁଧ୍ୟାନ କରିଥିଲେ।ଗୋହିରାଟିକିରିରୁ ଫେରି ଦୋବଲ ବସଷ୍ଟାଣ୍ଡରେ ପହଞ୍ଚିବା ପରେ ଲୌହପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଆୟୋଜିତ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଅନୁଷ୍ଠିତ ପଦଯାତ୍ରାରେ ସାମିଲ ହୋଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଜନସମାବେଶକୁ ସମ୍ବର୍ଧନା ଉତ୍ସବରେ ଯୋଗ ଦେଇ ଉତ୍କଳ ସନ୍ତାନର ବୀରତ୍ୱର ଗାଥା ବହନ କରୁଥିବା ଗୋହିରାଟିକିରିର ସମସ୍ତ ବିକାଶ ଲାଗି ରାଜ୍ୟ ସରକାର ପଦକ୍ଷେପ ନିଆଯିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ବିକଶିତ ଭାରତ ଆତ୍ମନିର୍ଭରଶୀଳ ହେବା ପର୍ଯ୍ୟନ୍ତ ଏକଟ ପଦ ଯାତ୍ରା କାର୍ଯ୍ୟକ୍ରମ ଜାରି ରହିବ । ଭାରତ ବର୍ଷ ରେ ଓଡ଼ିଆଙ୍କ ପରିଚୟ ଏକ ସତନ୍ତ୍ର।ଓଡ଼ିଶାର ଇତିହାସ କୁ ମନେ ନପକେଇଲେ ଓଡ଼ିଶାର ଭବିଷ୍ୟତ ଗଢିବା ଅସମ୍ଭବ।ଓଡ଼ିଆ ଭାଷା ଓ ସଂସ୍କୃତିକୁ ନେଇ ଗର୍ବିତ ,ସାହସିକତା ,ସ୍ୱାଭିମାନୀ ହେବାକୁ ପଡିବ। ଆତ୍ମନିର୍ଭରଶୀଳ ହେବା ସହ ସମସ୍ତ ବର୍ଗର ଲୋକମାନେ କଠିନ ଓ ଅକ୍ଳା ପରିଶ୍ରମ କରିବାକୁ ପଡ଼ିବ। ଏହାସହ ଗାଁ ପରିମଳ କୁ ସ୍ୱଚ୍ଛ କରିବାକୁ ପଡ଼ିବ,ନିରକ୍ଷର ଙ୍କୁ ସାକ୍ଷର ହେବାକୁ ପଡିବ ଏହି ସବୁ ହେଲେ ପ୍ରଧାନ ମନ୍ତ୍ରୀ ଦେଖୁଥିବା ସ୍ୱପ୍ନ ସାକାର ହେବ ।ଏହି ଅବସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପାଣ୍ଠିରୁ ୧୫ କୋଟି ଟଙ୍କାରେ ହେବାକୁ ଥିବା ଧାମନଗର ମହାବିଦ୍ୟାଳୟ ବିକାଶ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ଗୋହିରାଟିକିରି ନିକଟ ସେନାପତିଆ ପୋଖରୀର ପାରିପାର୍ଶ୍ୱିକ ଉନ୍ନତିକରଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଲୁଣିଆ ସହିଦ ସ୍ମାରକୀ ପୀଠର ଉନ୍ନତିକରଣ ଓ ଗୋହିରାଟିକିରିଠାରେ ୫ କୋଟି ଟଙ୍କା ବ୍ୟୟରେ ଗୋହିରାଟିକିରି ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ସେହିପରି ଜଳସଂପଦ ବିଭାଗ ପକ୍ଷରୁ ୨୫.୮୫ କୋଟି ଟଙ୍କା ବ୍ୟୟରେ ହେବାକୁଥିବା ୧୦ ଟି ପ୍ରକଳ୍ପ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୧୮ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୩ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେବାକୁ ଥିବା ୨୧.୨୫କୋଟି ଟଙ୍କାର ୩ଟି ପ୍ରକଳ୍ପ ଓ ଡ୍ରେନେଜ ବିଭାଗ ପକ୍ଷରୁ ୪.୧୧ କୋଟି ଟଙ୍କାରେ ହେବାକୁ ଥିବା ୨ଟି ପ୍ରକଳ୍ପ ଯାହାକି ମୋଟ ୧୦୧ କୋଟି ଟଙ୍କା ରେ ୨୨ ଟି ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର , ସୁରଜ ବିଶ୍ୱାଳ, ଜିଲ୍ଲା ସଭାପତି ଭଗବାନ ପଣ୍ଡା ,କ୍ରୀଡା ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ,ବଦ୍ରି ନାରାୟଣ ଧଳ ,ଦିନବନ୍ଧୁ ପତି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାଏ ସ୍ୱାଗତ ଓ ସମ୍ବର୍ଦ୍ଧନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାଇ ଯୁବ ଭଲୁଣ୍ଟିଅର ଏବଂ ଗୋହିର ଟିକିରି ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



## ବେତନାସିଆ ଜଙ୍ଗଲରୁ ଦନ୍ତାହାତୀ ମୃତଦେହ ଉଦ୍ଧାର

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଜିଲ୍ଲା ସୀମାନ୍ତ ମୟୂରଭଞ୍ଜ ଜିଲ୍ଲା ରାଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ନାକୁଚୁଆଁ ପଞ୍ଚାୟତର ବେତାନାସିଆ ଜଙ୍ଗଲରୁ ଶନିବାର ଏକ ମୃତ ଦନ୍ତା ହାତୀର ଶରୀର ଉଦ୍ଧାର କରାଯାଇଛି । ବନବିଭାଗ କହିବା ଅନୁଯାୟୀ ହାତୀର ବୟସ ପ୍ରାୟ ୮ ବର୍ଷ ହେବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି । ତେବେ ହାତୀର ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଦୁଇ ଦନ୍ତା ହାତୀଙ୍କ ଲଢ଼େଇ ଯୋଗୁଁ ହାତୀର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତ ପ୍ରଜାୟରୁ ଜଣାପଡ଼ିଛି ।ଖବରରୁ ପ୍ରକାଶ ଏହି କି ଯେ,ପଶ୍ଚିମ ବଙ୍ଗରୁ ଆସିଥିବା ପ୍ରାୟ ୪୦ ରୁ ଉର୍ଦ୍ଧ ହାତୀ ବେତନାସିଆ ଓ ଆଖପାଖ ଅଞ୍ଚଳରେ ଗତ କିଛିଦିନ ଧରି ଉପଦ୍ରବ ଚଳାଇ ଆସୁଛନ୍ତି ।ଗତକାଲି ଅପରାହ୍ନରେ ୨ ଟି ଦନ୍ତା ହାତୀ ମଧ୍ୟରେ ଘମାଘୋଟ ଲଢେଇ ଲାଗିଥିବା ସ୍ଥାନୀୟ ଅଞ୍ଚଳବାସୀ ସୂତ୍ରରୁ ଜଣାପଡିଛି ।ତେବେ ଆଜି ଜଙ୍ଗଲ ସଂଲଗ୍ନିତ ରାସ୍ତା ପାର୍ଶ୍ୱରେ ହାତୀଟି ମାରିପଡ଼ି ଥିବା ସ୍ଥାନୀୟ ଲୋକେ ଦେଖି ବାକୁ ପାଇଥିଲେ । ଏ ସମ୍ପର୍କରେ ସୂଚନା ପାଇ ବନ ବିଭାଗ ପକ୍ଷରୁ ଏସିଏଫ ମେହେର୍ବାନ ଅଲ୍ଲୀ,ଡିଏଫଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ,ରାସଗୋବିନ୍ଦପୁର ରେଞ୍ଜ ଅଧିକାରୀ ଘନଶ୍ୟାମ ମୁର୍ମୁ ପ୍ରମୁଖ ବନବିଭାଗ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ମୃତ ଦନ୍ତା ହାତୀ ଶବ ଜବତ କରିବା ସହିତ ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ବ୍ୟବଛେଦ କରାଇବାର ବ୍ୟବସ୍ଥା କରାଇଥିଲେ। ତେବେ ଏ ସଂକ୍ରାନ୍ତରେ ରାସଗୋବିନଦପୁର ରେଞ୍ଜର ଘନଶ୍ୟାମ ମୁର୍ମୁଙ୍କୁ ହାତୀ ମୃତ୍ୟୁର କାରଣ ସମ୍ପର୍କରେ ପଚାରିବାରୁ ସେ ହାତୀ ମୃତ୍ୟୁ ସଠିକ ଉତ୍ତର ଦେଇ ପାରିନଥିବା ବେଳେ ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ଡି ଏଫଓ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ।

## ରାଜପଥରେ ଉଜ୍ଜଳ ଆଲୋକ ଓ ରାସ୍ତାର ଉନ୍ନତି ପାଇଁ ବିଧାୟକଙ୍କ ସମୀକ୍ଷା

**ବାଲେଶ୍ୱର(ମାନିସ:** ଦୀର୍ଘ ଦିନ ଧରି ୧୬ ନଂ ଜାତୀୟ ରାଜପଥ ଶେରଗଡ ଠାରୁ ବାରୁଣୀ ପୋଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଜ୍ଜଳ ଆଲୋକ ଓ ରାସ୍ତାର ମରାମତି କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନଥିବାରୁ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଶନିବାର ମଧ୍ୟାହ୍ନରେ ଜାତୀୟ ରାଜପଥର ପ୍ରକଳ୍ପ ଅଧିକାରୀ ଜେ ପି ବର୍ମା ଓ ମ୍ୟାନେଜର ଦେବାନନ୍ଦ ମିଶ୍ର ରେମୁଣା ଜାନୁଗଞ୍ଜ ଗୋଲେଇ ଠାରେ ପହଂଚି ବିଧାୟକ ଶ୍ରୀ ଦାସ ଙ୍କ ଉପସ୍ଥିତରେ ଶେରଗଡ଼ ଠାରୁ ବାରୁଣୀ ପୋଲ ପର୍ଯ୍ୟନ୍ତ ରାସ୍ତା ଓ ଉଜ୍ଜଳ ଆଲୋକ ଲଗାଇବା ସଂପର୍କରେ ସମୀକ୍ଷା କରିଥିଲେ । ରେମୁଣା ଗୋଲେଇ ଠାରେ ଥିବା ଉଡ଼ନ୍ତା ପୋଲ ଉପରେ ବାଲେଶ୍ୱର ଓ ରେମୁଣା ଉଭୟ ପଟକୁ ୨ଟି ହାଇମାକ୍ସ ଲାଇଟ ଲଗାଯିବା ପାଇଁ ଅଧିକାରୀ ପ୍ରକାଶ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଆପ୍ରୋଚ ରୋଡ଼ର ଖୁବ ଶୀଘ୍ର ଉନ୍ନତି କରଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ବିଧାୟକ ବ୍ୟକ୍ତିଗତ ସହାୟକ କୃଷ୍ଣଚନ୍ଦ୍ର ଶାହା, ମଙ୍ଗଳପୁର ପୂର୍ବତନ ସରପଂଚ ଉମାକାନ୍ତ ପଣ୍ଡା, ଏନଏସି ସଭାପତି ମାୟାଧର ପ୍ରଧାନ, ଜୟନ୍ତ ମଣ୍ଡଳ ପ୍ରମୁଖ ଦଳୀୟ କାର୍ଯ୍ୟକର୍ତାମାନେ ଯୋଗ ଦେଇ ଦୁର୍ଘଟଣାକୁ ରୋକିବାକୁ ହେଲେ ଖୁବ ଶିଘ୍ର ଆପ୍ରୋଚ ରୋଡ଼ର କାର୍ଯ୍ୟଶେଷ ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ ।

## ସରକାରୀ କ୍ରୀଡା ଛାତ୍ରାବାସରେ ଛାତ୍ରଛାତ୍ରୀଙ୍କ ଦାଖଲ ନିମନ୍ତେ ଅନଲାଇନ ପଞ୍ଜିକରଣ ଆରମ୍ଭ

**ନୂଆପଡା(ମାନିସ)::** ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କ୍ରୀଡା ଛାତ୍ରାବାସରେ ଦାଖଲ ନିମିତ୍ତ ଅନଲାଇନ ପଞ୍ଜିକରଣ ଆରମ୍ଭ ହୋଇଛି । ଇଚ୍ଛୁକ ଛାତ୍ର ତଥା ଅଭିଭାବକ ମକ୍ଷନଙ୍କୁ ଅନୁରୋଧ ଯେ ସେମାନେ ନିଜ ବିଦ୍ୟାଳୟର କ୍ରୀଡା ଶିକ୍ଷକଙ୍କ ସହିତ ଯୋଗାଯୋଗ କରି ଅନଲାଇନ ରେ ନିଜ ବିଦ୍ୟାଳୟ ତଥା ନିଜ ନାମ ପଞ୍ଜିକରଣ କରିନେବେ କ୍ଷ ପଞ୍ଜିକରଣ ନିମନ୍ତେ ଥିବା ଖେଳ ଗୁଡିକ ହେଲା ଫୁଟବଲ, ଭଲିବଲ, ଖୋ - ଖୋ, ଦୌଡ଼କୁଦ, ତିରନ୍ଦାଜ, ବାସ୍କେଟବଲ, ସାଇକ୍ଲିଂ, ଫେନସିଂ, ଜୁଡୋ, ସ୍ୱୀମିଙ୍ଗ, ଓ ଜିମନାସ୍ଟିକ୍ସ କ୍ଷ ଛାତ୍ର ଛକ୍ଷତ୍ରୀଙ୍କ ବୟସ ୦୮ ବର୍ଷ ରୁ ୧୪ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ କ୍ଷ ଛାତ୍ରଛକ୍ଷତ୍ରୀ ମାନେ ୦୧.୦୮.୨୦୧୧ ରୁ ୦୧.୦୮.୨୦୧୭ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଆବଶ୍ୟକ । ଜିମିନାଷ୍ଟିକ ଖେଳ ନିମନ୍ତେ ବୟସ ୮ ରୁ ୧୧ ବର୍ଷ ହୋଇଥିବା ବିଧେୟ । (୦୧.୦୭.୨୦୧୧ ରୁ ୦୧.୦୮.୨୯୧୪ ମଧ୍ୟରେ) । ଉକ୍ତ ଚୟନ ପ୍ରକ୍ରିୟାରେ ଯେକୌଣସି ବିଦ୍ୟାଳୟର ଛାତ୍ର ଛାତ୍ରୀ ଭାଗ ନେଇପାରିବେ । ଏଥିନିମନ୍ତେ ଜିଲ୍ଲା କାର୍ଯ୍ୟାଳୟରୁ ଜିଲ୍ଲା ଶିକ୍ଷକ୍ଷ ଅଧିକାରୀ ନୂଆପଡା, ଜିଲ୍ଲା ମଙ୍ଗଳ ଅଧିକାରୀ ନୂଆପଡାଙ୍କୁ ଅଧିକରୁ ଅଧିକ ଛାତ୍ର ଛାତ୍ରୀଙ୍କ ନାମ ପଞ୍ଜିକରଣ ନିମନ୍ତେ ବିହିତ ଅନୁରୋଧ କରାଯାଇଛି । ୨୭.୧୧.୨୯୨୫ ପଞ୍ଜିକରଣର ଶେଷ ତାରିଖ ଅଟେ । ଏଣୁ ସମସ୍ତ ଇଚ୍ଛୁକ ଛାତ୍ରଛକ୍ଷତ୍ରୀ ତଥା ଅଭିଭାବକ ମାନଙ୍କୁ ଅନୁରୋଧ ଯେ ସେମାନର ନିଜ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କିମ୍ବା କ୍ରୀଡ଼ାଶିକ୍ଷକ ଙ୍କୁ ସାକ୍ଷାତ କରି ପଞ୍ଜିକରଣ କରିନିଅନ୍ତୁ ଏବଂ ଉକ୍ତ ଚୟନ ପ୍ରକ୍ରିୟାରେ ସାମିଲ ହୁଅନ୍ତୁ । ଉକ୍ତ ସୁଯୋଗ ବର୍ଷରେ କେବଳ ଥରେ ମାତ୍ର ମିଳେ କ୍ଷ ଏହାର ସୁବିନିଯୋଗ କରନ୍ତୁ । ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଅନୁରୋଧ ସେମାନେ ନିଜ ବିଦ୍ୟାଳୟରେ କମିଟି ଗଠନ କରି ଉପଯୁକ୍ତ କ୍ରୀଡ଼ାବିତ ମକ୍ଷନଙ୍କୁ ନାମ ପଞ୍ଜିକରଣ କରିବାରେ ସାହାଯ୍ୟ କରିବେ । ପଞ୍ଜିକରଣ ନିମନ୍ତେ ପୋର୍ଟାଲ ହେଲା https://portal.sportsodisha.gov.in/Talent/LoginSchool ଆବଶ୍ୟକସ୍ଥଳେ ବ୍ଲକ ରେ ଅବସ୍ଥାପିତ ବ୍ଲକ ଶିକ୍ଷାଧିକାରୀ କିମ୍ବା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଙ୍କ ସହ ଯୋଗାଯୋଗ କରିପାରିବେ । ଅଥବା ଜିଲ୍ଲା କ୍ରୀଡାଧିକାରୀଙ୍କୁ ମୋବାଇଲ ନମ୍ବର ୯୩୪୮୧୩୭୫୧୫ ରେ ଯୋଗଯୋଗ କରିପାରିବେ ।

# ଜିଲ୍ଲାସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଜୟନ୍ତୀ



**ରାୟଗଡ (ମାନିସ):** ଜିଲ୍ଲା ସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଜୟନ୍ତୀ ଶନିବାର ସ୍ଥାନୀୟ ଶାସ୍ତ୍ରୀ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ ଉପଜିଲ୍ଲାପାଳ ରମେଶ କୁମାର ଜେନା ମୁଖ୍ୟ ଅତିଥିରୂପେ ଏବଂ ଆବାହକ ଏବଂ ଉପ ନିର୍ଦ୍ଦେଶକ ତଥା ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବରେଣ୍ୟ ଅତିଥି ରୂପେ ଶିକ୍ଷାବିତ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ଉତ୍କଳ ସମ୍ମିଳନୀ, ରାୟଗଡ ଶାଖାର ସଭାପତି ତଥା ଆଇନଜୀବୀ ବ୍ରଜସୁନ୍ଦର ନାୟକ, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଜଳନ୍ଧର ପୁଷ୍ଟିକା, ସମାଜସେବୀ ସୁଦର୍ଶନ ପାଢୀ,ଓ୍ୱାକରସ କ୍ଲବର ସଭାପତି ଦାଶରଥି ରାଜଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଓ୍ୱାକରସ କ୍ଲବ, ବରିଷ୍ଠ ନାଗରିକ ସଂଘ, ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଓ ଦେଶପ୍ରେମୀ ଜନସାଧାରଣ ଯୋଗ ଦେଇଥିଲେ ।

ସକାଳ ଆଠ ଘଟିକା ସମୟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ସଭିଏଁ ସମବେତ ହୋଇ ପୁଷ୍ପ ମାଲ୍ୟାର୍ପଣ କରି ସମ୍ମାନ ପ୍ରଦର୍ଶନ କରିଥିଲେ । ପରେ ଆୟୋଜିତ ଏକ ସାଧାରଣ ସଭାରେ ଅତିଥିବୃନ୍ଦ ମହାପୁରୁଷ ତଥା ଶହୀଦ ଲକ୍ଷ୍ମଣ ନାୟକଙ୍କ ଦେଶପ୍ରେମ, ସ୍ୱାଧିନତା ସଂଗ୍ରାମର ଗୁଣଗାନ କରିଥିଲେ । ସ୍ୱାଧୀନ ଭାରତ ମୁକ୍ତ ଆକାଶର ଦୋଦୁଲ୍ୟମାନ ନକ୍ଷତ୍ର ପୁଞ୍ଜ ମଧ୍ୟରେ ଅନ୍ୟତମ ତାରକା ସଦୃଶ ଏମାଟିର ଯୁବପିଢି, ଦେଶଭକ୍ତ ଓ ସର୍ବୋପରି ନାଗରିକ ମାନଙ୍କ ପାଇଁ ଏକ ମାଇଲଖୁଣ୍ଟ ସଦୃଶ ଉଦାହରଣ ଅଟନ୍ତି ଶହୀଦ ଲକ୍ଷ୍ମଣ ନାୟକ । ସେ ତ୍ୟାଗର ସଙ୍କେତ, ଧୈର୍ଯ୍ୟର ପ୍ରତୀକ, ଜାତିର ଗର୍ବ ଓ ଗୌରବ, ଅବିଭକ୍ତ କୋରାପୁଟରେ ଭାରତଛାଡ ଆନ୍ଦୋଳନର ଉଦ୍ୟୋକ୍ତା ଥିଲେ । କେବଳ ଦସ୍ତଖତ ଜାଣିଥିବା ଏଭଳି ଜଣେ ସଂଗ୍ରାମୀ ଗାନ୍ଧୀଙ୍କ ଡାକରାରେ ଫିରିଙ୍ଗିଙ୍କ ବିରୋଧରେ ଲଢିବା ସହ ଥାନାରେ ଭାରତୀୟ ପତାକା ଉଡେଇ ନିଜ ଜାତୀୟତା ପ୍ରତିପାଦିତ କରିଥିଲେ ବୋଲି ଅତିଥିବୃନ୍ଦ ଅଭିଭାଷଣ ରଖିଥିଲେ ।

ଏଭଳି ଜଣେ ଶହୀଦଙ୍କ ନାମରେ ଅନୁଷ୍ଠାନ, ରାସ୍ତା ଆଦି ନାମକରଣର ଯଥାର୍ଥତା ପ୍ରତିପାଦିତ କରି ପ୍ରସ୍ତାବ ଜିଲ୍ଲା ପ୍ରଶାସନକୁ ଉପସ୍ଥାପନ କରିବା ସପକ୍ଷରେ ଉପଜିଲ୍ଲାପାଳ ନିଜ ବକ୍ତବ୍ୟରେ ମତ୍ତ ରଖିଥିଲେ ।

ଶାସ୍ତ୍ରୀ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ତଥା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ବକ୍ତୃତା ଓ ପତ୍ର ଲିଖନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ବଣ୍ଟନ କରାଯାଇଥିଲା । ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ବିଭାଗର ଗ୍ରନ୍ଥାଗାରିକ ଡମ୍ବରୁଧର ପଣ୍ଡା, ଷ୍ଟେନୋ କୁମୁଦିନି ମିଶାଲ, ମାନସ କୁମାର ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତାଗଣ ଆୟୋଜନରେ ସହଯୋଗ କରିଥିଲେ ।

## ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଜୟପୁର:** ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀ ଭୂଷଣ ଦାସ ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଯୋଗଦାନ କରିଥିଲେ । ଅଣଗେଜେଟେଡ୍ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଓ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜୟପୁର ଠାରେ ତା ୨୧.୧୨.୨୦୨୫ ରିଖ ଦିନ ଏକ ସମାବେଶ କରିବା ନିମନ୍ତେ ସ୍ଥିର କରାଗଲା, ସମସ୍ତ କର୍ମଚାରୀ ଙ୍କୁ ୨୦,୦୦୦୦୦/- ଲକ୍ଷ ଟଙ୍କା ଯୋଗାଇଦେବା, ନୂତନ ପେନସନ୍ ବଦଳରେ ପୁରୁଣା ପେନସନ ଲାଗୁ କରିବା, ପୁରୁଣା ନିୟମ ଅନୁସାରେ ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରିବା ସହିତ ଅଣଗେଜେଟେଡ୍ କର୍ମଚାରୀ ଙ୍କ ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସ୍ଥିର କରାଯାଇଥିବା ସୁଚନା ମିଳିଛି ।

# ସୂଚନା ପ୍ରଦାନକାରୀଙ୍କ ପାଇଁ ରହିଛି ୨୫ ହଜାର ପୁରସ୍କାର

**ରାୟଗଡ (ମାନିସ):** ରାୟଗଡା ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣି ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲା ପରାମର୍ଶଦାତା କମିଟି ପିସି ପି ଏନ ଡିଟି ର ତୃତୀୟ ବୈଠକ। ଏହି ବୈଠକ ରେ ଜିଲ୍ଲା ରେ ଥିବା ସମସ୍ତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଗୁଡ଼ିକୁ ନିୟମିତ ଯାଞ୍ଚ କରାଯିବା ସହ ବେଆଇନ କ୍ଲିନିକ୍ ଗୁଡ଼ିକୁ ଉପରେ ଚଢ଼ାଉ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ।

**ଲିଙ୍ଗ ନିରୂପଣ କରୁଥିଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ**

ଏହା ସହିତ ଲିଙ୍ଗ ନିରୂପଣ ନିଷେଧ ଆଇନ ଓ ଇନଫର୍ମର ଇନସେନଟିଭ ସ୍କିମ ର ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବାକୁ ଗୁରୁତ୍ୱ ଦିଆ ଯାଇଛି। ଏହି ଇନଫର୍ମର ଇନସେନଟିଭ ସ୍କିମ ରେ ଯଦି କେହି ଲିଙ୍ଗ ନିରୂପଣ କରୁଥିବା ଅଲଟ୍ରାସାଉଣ୍ଡ କେନ୍ଦ୍ର, ଡାକ୍ତରଖାନା କିମ୍ବା ଯେକୌଣସି ବ୍ୟକ୍ତି ବା ସଂସ୍ଥା ବିଷୟରେ ସୂଚନା ପ୍ରଦାନ କରନ୍ତି, ତେବେ ସୂଚନାକାରୀ ଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ଦିଆଯିବ ର ବ୍ୟବସ୍ଥା ରହିଛି। ଏଥିରେ ସୂଚନା ଦାତା ଙ୍କ ନାମ ଗୋପନ ରହିବ। ଏହି ଯୋଜନାର ବ୍ୟାପକ ପ୍ରସାର ପ୍ରଚାର ହେଲେ ଅଧିକ ରୁ ଅଧିକ ସୂଚନା ମିଳିପାରିବ ବୋଲି ଆଶାବ୍ୟକ୍ତ କରାଯାଇଛି। ରାୟଗଡ଼ା ଜିଲ୍ଲାରେ ହଜାରେ ପୁଅ ରେ ଅଛନ୍ତି ୯୫୬ କନ୍ୟା ରାଜ୍ୟ ତୁଳନା ରେ ଜିଲ୍ଲାର ଜିଲ୍ଲାର ସ୍ଥିତି ଭଲ ରହିଥିଲେ ମଧ୍ୟ ଗୁଣୁପୁର , ରାୟଗଡ଼ା ଓ ରାମନଗୁଡ଼ା ଭଳି ବ୍ଲକ ଗୁଡିକରେ ପୁଅଙ୍କ ତୁଳନା ରେ ଝିଅଙ୍କ ସଂଖ୍ୟା କମ ରହିଛି। ତେବେ ଏହି ସବୁ ବ୍ଲକ ସମେତ ଅନ୍ୟାନ୍ୟ ସମସ୍ତ ବ୍ଲକ୍ ଗୁଡିକରେ କିଭଳି ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ବଢ଼ି ପାରିବ ସେଥିପାଇଁ ଦୃଷ୍ଟି ଦେବାକୁ ଏହି ବୈଠକ ରେ ନିଷ୍ପତି ହୋଇଛି। ବର୍ତ୍ତମାନ ଏକକ ସନ୍ତାନକୁ ଅଧିକାଂଶ ଦମ୍ପତି ଗୁରୁତ୍ୱ ଦେଉଛନ୍ତି, ଅଧିକାଂଶ ଦମ୍ପତି ଏକମାତ୍ର ସନ୍ତାନ କ୍ଷେତ୍ରରେ ପୁଅଟିଏ ହିଁ ଚାହୁଁଛନ୍ତି । ପୁରଷ ପ୍ରଧାନ ବ୍ୟବସ୍ଥା ଆଜି ବି ବଳବତ୍ତର ଥିବାରୁ ଝିଅମାନଙ୍କୁ ପୂର୍ବଭଳି ଅବହେଳା କରାଯାଉଛି । ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମ ରେ ଜନସଚେତନତା ସୃଷ୍ଟି ପାଇଁ ନିଷ୍ପତି ନିଆଯାଇଛି। ଏହି ବୈଠକ ରେ ସିଡିଏମ୍‌ଓ ଡାକ୍ତର ଭି. ସରୋଜିନୀ ଦେବୀ, ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର କିଶୋର କୁମାର ବରାଇ, ଡାକ୍ତର ସଂଜ୍ଞା ଦାସ, ଡାକ୍ତର ହିମାଂଶୁ ଶେଖର ଦାସ, ଆଇନଜୀବୀ ତଥା ସମାଜସେବୀ ଶ୍ରୀମତି ପ୍ରଣତି ପାତ୍ର , ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ।



ମାତୃଭାଷା

# ଖେଳ ଖବର



## ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଦଳ ଘୋଷଣା; ରାହୁଲ ନେବେ ନେତୃତ୍ୱ




ମୁମ୍ବାଇ, ୨୩।୧୧ : ଦକ୍ଷିଣ ଆଫ୍ରିକା ବିପକ୍ଷ ୩ଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ରବିବାର ୧୫ ଜଣିଆ ଦଳ ଘୋଷଣା କରିଛି ବିସିସିଆଇ। ଆହତ ଅଧିନାୟକ ଶୁବମନ ଗିଲଙ୍କ ଅନୁପସ୍ଥିତିରେ କେଏଲ ରାହୁଲ ନେବେ ଦଳର ନେତୃତ୍ୱ। ଦଳରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ସ୍ଥାନ ମିଳିଥିବା ବେଳେ ଫେରିଛନ୍ତି ରବୀନ୍ଦ୍ର ଜାଡେଜା, ଋତୁରାଜ ଗାଏକ୍ୱାଡ୍ ଓ ତିଲକ ବର୍ମା। ଅକ୍ଷର ପଟେଲଙ୍କ ସ୍ଥାନରେ ଜାଡେଜାଙ୍କୁ ଅଣାଯାଇଛି। ଅକ୍ଷରଙ୍କୁ ଏହି ସରିଜ୍ ପାଇଁ ବିଶ୍ରାମ ଦିଆଯାଇଛି। ଗତ ମାସରେ ଅଷ୍ଟ୍ରେଲିଆ ଗସ୍ତରେ ରବୀନ୍ଦ୍ର ଜାଡେଜାଙ୍କୁ ଦଳରେ ସାମିଲ କରାଯାଇ ନଥିଲା। ସେହିପରି ଋତୁରାଜ ଗାଏକ୍ୱାଡ୍ ଓ ତିଲକ ବର୍ମା ୨୦୨୩ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ବିରୋଧରେ ସେମାନଙ୍କ ଶେଷ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଏବେ ପୁଣି ସେହି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ଟିମ୍‌କୁ ଫେରିଛନ୍ତି ଏହି ଦୁଇ ଯୁବ ଖେଳାଳି। ଶୁବମନ ଗିଲଙ୍କ ଭଳି ଆହତ କାରଣରୁ ଶ୍ରେୟସ ଆୟର ମଧ ଟିମ୍‌ରେ ସ୍ଥାନ ପାଇ ନାହାନ୍ତି। ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ଆହତ ହାର୍ଦ୍ଦିକ ପାଣ୍ଡ୍ୟା ଦଳକୁ ଫେରିପାରି ନାହାନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ୍ ?ରେ ସେ ଦଳକୁ ଫେରିବେ ବୋଲି କୁହାଯାଉଛି। ସେହିପରି ମହମ୍ମଦ ଶାମିଙ୍କୁ ନେଇ ବହୁ ବିବାଦ ହୋଇଥିବା ସତ୍ତ୍ୱେ ତାଙ୍କୁ ଏଥର ମଧ ଟିମ୍‌ରେ ସାମିଲ କରାଯାଇନାହିଁ। ତେଣୁ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରକୁ ନେଇ ପ୍ରଶ୍ନ ଉଠିଛି। ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ପାଇଁ ୧୫ ଜଣିଆ ଭାରତୀୟ ଦଳରେ ସାମିଲ ହୋଇଥିବା ଖେଳାଳିମାନେ ହେଉଛନ୍ତି- ରୋହିତ ଶର୍ମା, ଯଶସ୍ୱୀ ଜୈସୱାଲ, ବିରାଟ କୋହଲି, ତିଲକ ବର୍ମା, କେଏଲ ରାହୁଲ (ଅଧିନାୟକ/ୱିକେଟ୍ କିପର), ଋଷଭ ପନ୍ତ (ୱିକେଟ୍ କିପର), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍ୱାଡ, ପ୍ରସିଦ୍ଧ କୃଷ୍ଣ, ଅର୍ଶଦୀପ ସିଂହ ଓ ଧ୍ରୁବ ଜୁରେଲ। ଟେଷ୍ଟ ସିରିଜ ଶେଷ ହେବା ପରେ ନଭେମ୍ବର ୩୦ ତାରିଖରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ୩୦ ତାରିଖରେ ପ୍ରଥମ ମ୍ୟାଚ୍ ରାଞ୍ଚିରେ ଖେଳାଯିବାକୁ ଥିବା ବେଳେ ଡିସେମ୍ବର ୩ରେ ରାୟପୁରରେ ଦ୍ୱିତୀୟ ଓ ଡିସେମ୍ବର ୬ରେ ବିଶାଖାପଟନମରେ ତୃତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ। ଗତକାଲିଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟସ୍ଥ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ପ୍ରଥମ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଜିତିଥିବା ବେଳେ ଏହି ମ୍ୟାଚ୍ ଜିତିବା ଭାରତ ପାଇଁ ଜରୁରୀ। ପୂରା ଦୁଇ ଦିନ ଖେଳି ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୪୯୮ ରନ୍ କରିଛି।

### ହରିୟାଣା ଗଲା ଓଡ଼ିଶା ଆଥଲେଟିକ୍ସ ଦଳ

## ୧୯ ବର୍ଷରୁ କମ୍ ବାଳକରେ ୨୦ ଓ ବାଳିକାରେ ୧୨ ଖେଳାଳି




ରାଉରକେଲା, ୨୩।୧୧ : ୬୯ତମ ଜାତୀୟ ସ୍କୁଲ କ୍ରୀଡ଼ା ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଭାଗନେବାକୁ ଓଡ଼ିଶା ଦଳ ଆଜି ହରିୟାଣା ଗସ୍ତ କରିଛି। ଏହି ପ୍ରତିଯୋଗିତା ହରିୟାଣାର ଭୱାନୀଠାରେ ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍କୁଲ ଗେମ୍‌ସ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ୧୯ ବର୍ଷରୁ କମ୍ ବାଳକ ଦଳରେ ୨୦ ଓ ବାଳିକା ବର୍ଗରେ ୧୨ ଜଣ ଅଂଶଗ୍ରହଣ କରିବେ। ଉଲ୍ଲେଖଯୋଗ୍ୟ, ବାଳକ ଦଳରେ ଆୟୁଷ୍ମାନ ମହାପାତ୍ର, ଅନୀ ସାଲବମ୍, ପୱନ ଯାଦବ, ଡୋଲାମଣୀ ଚିରଗୁନ, ସୁରେନ୍ଦ୍ର ବାଡ୍ରା, ଶିବ ମୁଣ୍ଡା, ମହେନ୍ଦ୍ର ହାଁସଦା, ଜୀବନ ନାୟକ, ସାଗର ଏକ୍କା, ଶୁକମନ ଭାତ୍ରା, କ୍ରିଷ୍ଣା ଅବିନାଶ, ଅଭିନନ୍ଦନ ସ୍ୱାଇଁ, ସୋମନାଥ ସିଂହ, ନୟନ ପ୍ରଧାନ, ଜୀତେନ ବାଗ, ଜୁନେଶ ନନ୍ଦ, ରଞ୍ଜିତ କିଶାନ, ବିନ୍ଦୁ ବଳୟ ପରିଡ଼ା, ଶୁଦ୍ର ନାରାୟଣ ଭୋଇ ଓ ପ୍ରତୀକ ସ୍ଥାନ ପାଇଛନ୍ତି। ସେହିଭଳି ବାଳିକାରେ ତନୁଜା ବାର୍ଲା, ଗୁରୁପୂଜା ପରିଡ଼ା, ମେହେକ ବେଗମ, ପ୍ରୀତିମୟୀ ଭୁକ୍ତା, ସୁଶ୍ରୀ ସ୍ୱାଗତକା ସାମନ୍ତରାୟ, ଲକ୍ଷ୍ମୀପ୍ରୀୟା ନାଥ, ତନ୍ମୟୀ ସିଂହ, ସସ୍ମିତା ବେହେରା, ପାର୍ବତୀ ହାଁସଦା, ରେଖା କୁମାରୀ ସା, ଅମୀଷା ଓରାମ ଓ ଚମ୍ପା ଭାତ୍ରା ଅଛନ୍ତି। କୋଚ୍ ଓ ମ୍ୟାନେଜରଭାବେ କ୍ୟାପଟେନ ସତ୍ୟ ନାରାୟଣ ରାଉତ, ଲକ୍ଷ୍ମୀଧର ବେହେରା ଓ କିରଣ ଏରିକା ଖାଲଖୋ ଦଳ ସହ ଯାତ୍ରା କରିଛନ୍ତି। ଅନ୍ତର୍ଜାତୀୟ ହକି ବୈଷୟିକ ଅଫିସିଆଲ, ମ୍ୟୁନିସିପାଲ କଲେଜର ଅଧକ୍ଷ ପ୍ରଫେସର ହରିହର ଦାଶ, ପୂର୍ବତନ ଜାତୀୟ ହକି ଖେଳାଳି ବେର୍ଥକ୍ଷ କେରକେଟା ଉପସ୍ଥିତ ରହି ଦଳକୁ ଦଳକୁ ଶୁଭେଚ୍ଛା ଜଣାଇଥିଲେ।

## ବିବାହ କଲେ ଷ୍ଟାର୍ ଆଥଲେଟ୍ ଅମିୟ ମଲ୍ଲିକ



ମୁମ୍ବାଇରେ ହେଲା ଭାରତର ଦ୍ରୁତତମ ଧାବକଙ୍କ ଡେଷ୍ଟିନେସନ୍ ୱେଡିଂ। ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ବିବାହ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ରବିବାର ଓଡ଼ିଶାର ଷ୍ଟର ଆଥଲେଟ୍ ଅମିୟ କୁମାର ବିବାହ ଅନୁଷ୍ଠିତ ହୋଇଥିଲା। ଅମିୟଙ୍କ ସହ ଶ୍ୱେତା ଅତିଲିଙ୍କ ହାତଗଣ୍ଠି ପଡିଥିଲା। ଏହାପୂର୍ବରୁ ୨୧ ତାରିଖରେ

ଭୁବନେଶ୍ୱର ୨୩/୧୧: ବିବାହ ବନ୍ଧନରେ ଆବଦ୍ଧ ହେଲେ ଓଡ଼ିଶାର ଷ୍ଟାର୍ ଆଥଲେଟ୍ ଅମିୟ କୁମାର ମଲ୍ଲିକ। ଶ୍ୱେତା ଅତିଲିଙ୍କ ସହ ଆରମ୍ଭ କଲେ ନୂଆ ଇନିଂସ। ଉଭୟଙ୍କର ନିର୍ବନ୍ଧ ଏବଂ ହଳଦୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଉଭୟ ପରିବାରର ସଦସ୍ୟ ଏବଂ ବନ୍ଧୁବାନ୍ଧବ ଯୋଗ ଦେଇଥିଲେ।

## ଭାରତକୁ ପ୍ରଥମଥର ବିଶ୍ୱ ଚାମ୍ପିୟନ କରାଇଲେ ଓଡ଼ିଆ ଝିଅ



ନୂଆଦିଲ୍ଲୀ, ୨୩।୧୧: ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍ ଇତିହାସ ରଚି ପ୍ରଥମ ଥର ପାଇଁ ଆୟୋଜିତ ମହିଳା ଟି-୨୦ ବିଶ୍ୱକପ୍‌ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। କଲମ୍ବୋରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଦଳ ନେପାଳକୁ ୭ ୱିକେଟ୍‌ରେ ପରାସ୍ତ କରିଛି। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ନେପାଳକୁ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୧୪ ରନ୍‌ରେ ସୀମିତ ରଖିଥିଲା। ଜବାବରେ ଭାରତୀୟ ବ୍ୟାଟର୍‌ମାନେ ଦମଦାର ପ୍ରଦର୍ଶନ କରି ୧୨.୧ ଓଭରରେ ମାତ୍ର ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ (୧୧୫ ରନ୍) ହାସଲ କରିନେଇଥିଲେ। ଭାରତର ଓପନର୍ ତଥା ଓଡ଼ିଆ ଝିଅ ଫୁଲା ସାରେନ୍ ୨୭ଟି ବଲ୍‌ରୁ ଦ୍ରୁତ ୪୪ ରନ୍ ସଂଗ୍ରହ କରିଥିଲେ। ତାଙ୍କର ଏହି ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ତାଙ୍କୁ 'ପ୍ଲେୟାର୍ ଅଫ୍ ଦି ମ୍ୟାଚ୍' ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତୀୟ ଦଳ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିଥିଲା, ଯାହାକି କ୍ରିକେଟର ତିନୋଟି ଯାକ ବିଭାଗ – ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ଦଳର ସର୍ବଶ୍ରେଷ୍ଠତାକୁ ପ୍ରମାଣିତ କରିଛି।

## ସେନୁରାନଙ୍କ ଶତକ; ବଡ଼ ସ୍କୋର କଲା ଦକ୍ଷିଣ ଆଫ୍ରିକା



ବର୍ଷାପାରା, ୨୩।୧୧ (ଏଜେନ୍ସି) : ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ୬ ୱିକେଟ୍ ହରାଇ ୨୪୭ ରନ୍ କରିଥିବା ଦକ୍ଷିଣ ଆଫ୍ରିକା ଆଜି ଦ୍ୱିତୀୟ ଦିନରେ ଆଉ ୨୪୨ ରନ୍ ଯୋଡ଼ି ଅଲ୍‌ଆଉଟ୍ ହୋଇଛି। ସେନୁରାନ ମୁଥୁସାମୀ ୧୦୯ ଓ ମାର୍କୋ ଜେନସେନଙ୍କ ୯୩ ରନ୍ ବଳରେ ଦଳ ଦ୍ୱିତୀୟ ଦିନରେ ୨୪୨ ରନ୍ କରିବା ସହିତ ପ୍ରଥମ ଇନିଂସରେ ୪୮୯ ରନ୍ କରିଛି। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଯଥାକ୍ରମେ ୨୫ ଓ ୧ ରନ୍ କରି ଅପରାଜିତ ଥିବା ସେନୁରାନ ମୁଥୁସାମୀ ଓ କାୟଲେ ଭେରେୟନ୍ନେ ଆଜି ଦଳର ପ୍ରଥମ ଇନିଂସକୁ ଭଲ ଢଙ୍ଗରେ ଆଗେଇ ନେଇଥିଲେ। କାୟଲେ ୪୫ ରନ୍ କରି ଆଉଟ୍ ହୋଇଯାଇଥିଲେ ହେଁ ସେନୁରାନ ମୁଥୁସାମୀଙ୍କୁ ବିଦା କରିବାକୁ ଭାରତୀୟ ବୋଲରଙ୍କୁ ବହୁ ସମୟ ଲାଗିଥିଲା। ଆଉ ସେତେବେଳକୁ ସେ ୨୦୬ ବଲ୍‌ରୁ ୧୦୯ ରନ୍ (୧୦ ଚୌକା, ୨ ଛକା) କରିସାରିଥିଲେ। ୩୧ ବର୍ଷୀୟ ଅଲ୍‌ରାଉଣ୍ଡର ସେନୁରାନଙ୍କ ଟେଷ୍ଟ କ୍ୟାରିୟରର ଏହା ହେଉଛି ପ୍ରଥମ ଶତକ। ୧୦୯ ରନ୍ କରିଥିବା ବେଳେ ମହମ୍ମଦ ସିରାଜଙ୍କ ବଲ୍‌ରେ ଯଶସ୍ୱୀ ଜୈସୱାଲଙ୍କ ହାତରେ ସେ କ୍ୟାଚ୍ ଆଉଟ୍ ହୋଇଥିଲେ। ସମୋନ ହାରମର ୫ ରନ୍ କରିଥିବା ବେଳେ କେଶବ ମହାରାଜ ୧୨ ରନ୍ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ୪ଟି ୱିକେଟ୍ ନେଇଥିବା ବେଳେ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ୱିକେଟ୍ ନେଇଛନ୍ତି। ଦକ୍ଷିଣ ଆଫ୍ରିକା ଅଲ୍‌ଆଉଟ୍ ହେବା ପରେ ଭାରତ ତା'ର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ କୌଣସି ୱିକେଟ ନହରାଇ ୯ ରନ୍ ସଂଗ୍ରହ କରିଛି। ଓପନର ଯଶସ୍ୱୀ ଜୈସୱାଲ ୭ ଓ କେଏଲ ରାହୁଲ ୨ ରନ୍ କରି ଅପରାଜିତ ରହିଛନ୍ତି।

## ଡେଫଲିମ୍ପିକ୍ସରେ ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ ଜିତିଲେ ଅଭିନବ ଦେଶୱାଲ



ନୂଆଦିଲ୍ଲୀ, ୨୩।୧୧ : ଭାରତର ବନ୍ଧୁକଚାଳକ ଅଭିନବ ଦେଶୱାଲ ରବିବାର ଡେଫଲିମ୍ପିକ୍ସରେ ୨୫ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସେ ଫାଇନାଲରେ ମଧ ଚମତ୍କାର ପ୍ରଦର୍ଶନ କରିଥିଲେ, ଯୋଗ୍ୟତା ପର୍ଯ୍ୟାୟରେ ରେକର୍ଡ ପ୍ରଦର୍ଶନ କରି ମୋଟ ୪୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। ଦକ୍ଷିଣ କୋରିଆର ସେଉଙ୍ଗ ହ୍ୱା ଲି ୪୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ୟୁକ୍ରେନର ସେରହି ଫର୍ମିନ୍ ବ୍ରୋଞ୍ଜ ପଦକ ଜିତିଥିଲେ। ଭାରତର ଦ୍ୱିତୀୟ ଅଂଶଗ୍ରହଣକାରୀ ଚେତନ ହନୁମନ୍ତ ସପକାଲ ପଞ୍ଚମ ସ୍ଥାନରେ ରହିଥିଲେ। ଫାଇନାଲରେ ଅଭିନବ ଆରମ୍ଭରୁ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ପ୍ରଥମ ପାଞ୍ଚଟି ସଟ୍ ରେ ସଠିକ୍ ଥିଲେ ଏବଂ ଦ୍ୱିତୀୟ ସିରିଜରେ ଚାରିଟି ହିଟ୍ କରିଥିଲେ। ଏହାପରେ ସେ ଲକ୍ଷ୍ୟସ୍ଥଳରେ ପରବର୍ତ୍ତୀ ୨୦ଟି ସଟ୍ ମଧ୍ୟରୁ ୧୮ଟି ନେଇଥିଲେ, ଯେଉଁଥିରେ ଦୁଇଥର ପାଞ୍ଚଟି ପାଇଁ ପାଞ୍ଚଟି ହିଟ୍ ଅନ୍ତର୍ଭୁକ୍ତ ଥିଲା। ଅନ୍ତିମ ରାଉଣ୍ଡରେ ତାଙ୍କର ତିନୋଟି ହିଟ୍ ଥିଲା, ଯାହା ତାଙ୍କର ସର୍ବନିମ୍ନ ସ୍କୋର ଥିଲା, କିନ୍ତୁ ସେତେବେଳକୁ ଅଗ୍ରଣୀ ସ୍ୱର୍ଣ୍ଣ ପଦକକୁ ସିଲ୍ କରିବାକୁ ଯଥେଷ୍ଟ ଶକ୍ତିଶାଳୀ ଥିଲା। ଯୋଗ୍ୟତା ପର୍ଯ୍ୟାୟରେ ଅଭିନବଙ୍କ ପ୍ରଦର୍ଶନ ମଧ ଚମତ୍କାର ଥିଲା। ସେ ୫୭୫-୧୩ ଘ ସ୍କୋର ସହିତ ବିଶ୍ୱ ବଧିର ଯୋଗ୍ୟତା ରେକର୍ଡ ଏବଂ ବଧିର ଅଲିମ୍ପିକ୍ ରେକର୍ଡର ସମକକ୍ଷ ହୋଇଥିଲେ। ଚେତନ ସପକାଲ ୫୭୩-୨୧ ଘ ସହିତ ଦ୍ୱିତୀୟ ସ୍ଥାନ ହାସଲ କରି ଫାଇନାଲରେ ପ୍ରବେଶ କରିଥିଲେ। ବନ୍ଧୁକ ଚାଳନାରେ ଏହା ଭାରତର ୧୫ତମ ପଦକ।

## ବିଶ୍ୱ ବକ୍ସିଂର ନୂତନ ସଭାପତି ହେଲେ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଗୋଲୋଭ୍‌କିନ୍



ଲଉସାନେ, ୨୩।୧୧ (ଏଜେନ୍ସି) : ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଗେନ୍ନାଡି ଗୋଲୋଭ୍‌କିନ୍ ବିଶ୍ୱ ବକ୍ସିଂର ସର୍ବୋଚ୍ଚ ସଂସ୍ଥା, ବିଶ୍ୱ ବକ୍ସିଂର ନୂତନ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। କାଜାଖସ୍ତାନର ବାସିନ୍ଦା ଗୋଲୋଭ୍‌କିନ୍ ବିଶ୍ୱ ବକ୍ସିଂର ଅଧକ୍ଷ ପଦ ପାଇଁ ଗ୍ରୀସର ହରିଲୋସ୍ ମାରିଓଲିସ୍‌ଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଶା କରାଯାଉଥିଲା, କିନ୍ତୁ ସଂଗଠନ ଶୁକ୍ରବାର ଦିନ କହିଛି ଯେ ଯାଞ୍ଚ ପ୍ରକ୍ରିୟା ପରେ ସେ ଏକମାତ୍ର ଯୋଗ୍ୟ ପ୍ରାର୍ଥୀ ବୋଲି ଜଣାପଡିଛି। ଗୋଲୋଭ୍‌କିନ୍ ଜଣେ ପ୍ରତିନିଧିଙ୍କ ମାଧମରେ ଜାରି ଏକ ବିବୃତ୍ତିରେ କହିଛନ୍ତି, 'ମୋତେ ସୂଚନା ଦିଆଯାଇଛି ଯେ ରାଷ୍ଟ୍ରପତି ପଦ ଦୌଡ଼ରେ ଏକମାତ୍ର ଅନ୍ୟ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ମୁଁ ବିଶ୍ୱ ବକ୍ସିଂର ସ୍ୱାଧୀନ ଅନୁସନ୍ଧାନକାରୀ ପ୍ୟାନେଲର କାର୍ଯ୍ୟକୁ ପ୍ରଶଂସା କରିବାକୁ ଚାହେଁ, ଯାହା ଅଲିମ୍ପିକ୍ କ୍ରୀଡ଼ାରେ ପ୍ରଶାସନର ସର୍ବୋଚ୍ଚ ମାନକ ଅନୁଯାୟୀ ସମସ୍ତ ନିର୍ବାଚନ ନିରପେକ୍ଷ ଏବଂ ସ୍ୱଚ୍ଛ ଢଙ୍ଗରେ ଅନୁଷ୍ଠିତ ହେବା ସୁନିଶ୍ଚିତ କରିବାରେ ସାହାଯ୍ୟ କରିଥିଲା କାଜାଖସ୍ତାନର ପୂର୍ବତନ ମିଡିଲୱେଟ୍ ଚାମ୍ପିଅନ୍ ଗୋଲୋଭ୍‌କିନ୍ ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ସହିତ ସମ୍ପର୍କ ପୁନଃ ପ୍ରତିଷ୍ଠା କରିବାକୁ ବିଶ୍ୱ ବକ୍ସିଂ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେବା ପରେ ରାଷ୍ଟ୍ରପତି ପଦ ପାଇଁ ଜଣେ ଅଗ୍ରଣୀ ପ୍ରାର୍ଥୀ ଭାବରେ ବିବେଚିତ ହୋଇଥିଲେ। ଗୋଲୋଭ୍‌କିନ୍ ୨୦୦୪ରେ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ ଏବଂ ପେଶାଦାର ହେବା ପରେ ଦୀର୍ଘ ସମୟ ଧରି ବିଶ୍ୱ ଚାମ୍ପିଅନ୍ ଥିଲେ। ସେ ୨୦୨୨ ରେ ଅବସର ନେଇଥିଲେ।

## ୫୦ ମିଟର ରାଇଫଲରେ ମାହିତା ଅଲିମ୍ପିକ୍ସର ଦ୍ୱିତୀୟ ସ୍ୱର୍ଣ୍ଣ




ଟୋକିଓ, ୨୩।୧୧ : ଭାରତର ମିଠାଇ ସାନ୍ଧୁ ଅଲିମ୍ପିକ୍ସରେ ଉତ୍କର୍ଷ ହାସଲ କରିବା ଜାରି ରଖିଥିଲେ। ଟୋକିଓରେ ଚାଲିଥିବା ଅଲିମ୍ପିକ୍ କ୍ରୀଡ଼ାର ସୁଟିଂ ପ୍ରତିଯୋଗିତାରେ ମହିଳା ୫୦ ମିଟର ରାଇଫଲ ୩ ପୋଜିସନ୍ ଇଭେଣ୍ଟରେ ମହିମା ସ୍ୱର୍ଣ୍ଣ ପଦକ ଜିତିଛନ୍ତି, ଯାହା ତାଙ୍କର ଚତୁର୍ଥ ପଦକ। ୪୫ଟି ସଟ୍ ପରେ ମୋଟ ୪୫୬.୦ ପଏଣ୍ଟ ହାସଲ କରି ମହିତ୍ ଅଲିମ୍ପିକ୍ କ୍ରୀଡ଼ାର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଦକ୍ଷିଣ କୋରିଆର ଡାନ୍ ଜୋଙ୍ଗ୍ ଏକ ୪୫୩.୫ ସ୍କୋର ସହିତ ରୌପ୍ୟ ପଦକ ଜିତିଥିବା ବେଳେ ହଙ୍ଗେରୀର ମୀରା ଜୁଜ୍ସାନା ବିୟାଟୋସ୍କି ଏକ ୪୩୮.୬ ସ୍କୋର ସହିତ ବ୍ରୋଞ୍ଜ ପଦକ ଜିତିଥିଲେ। ଫାଇନାଲରେ ପହଞ୍ଚିବା ସମୟରେ ମହିତ୍ ଖେଳ ପାଇଁ ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ସେ ୫୮୫ ପଏଣ୍ଟ ହାସଲ କରି ଷ୍ଟାଣ୍ଡିଂରେ ଶୀର୍ଷରେ ରହି ଫାଇନାଲ୍କୁ ଉନ୍ନୀତ ହୋଇଥିଲେ। ଗତ ବର୍ଷ ହାନୋଭରରେ ଅନୁଷ୍ଠିତ ବିଶ୍ୱ ସୁଟିଂ ଚାମ୍ପିଅନସିପରେ ୫୭୬ ରନ୍ କରି ନିଜର ପୂର୍ବ ରେକର୍ଡ ଭାଙ୍ଗିଥିବା ମୁହିଥ ଆଣ୍ଠୁ ଟେକିବାରେ ୧୯୪, ପ୍ରୋନ୍ରେ ୧୯୮ ଏବଂ ଷ୍ଟାଣ୍ଡିଂରେ ୧୯୩ ରନ୍ କରିଥିଲେ। ଭାରତର ନତାଶା ଯୋଶୀ ମଧ ୫୬୬ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ। ସେ ଫାଇନାଲରେ ୪୧୭.୧ ସ୍କୋର ସହିତ ପଞ୍ଚମ ସ୍ଥାନରେ ରହିଥିଲେ। ଭାରତୀୟ ବନ୍ଧୁକଚାଳକମାନେ ଅଲିମ୍ପିକ୍ସରେ ଏପର୍ଯ୍ୟନ୍ତ ପାଞ୍ଚଟି ସ୍ୱର୍ଣ୍ଣ, ଛଅଟି ରୌପ୍ୟ ଏବଂ ତିନୋଟି ବ୍ରୋଞ୍ଜ ସମେତ ୧୪ ଟି ପଦକ ଜିତିଛନ୍ତି। ଅଭିନବ ଦେଶୱାଲ ଏବଂ ଚେତନ ହନୁମନ୍ତ ସପକାଲ ୨୫ ମିଟର ପିସ୍ତଲ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ଆମେରିକା ଖେଳାଳିଙ୍କୁ ନିଲମ୍ବନ କଲା ଆଇସିସି

ନୂଆଦିଲ୍ଲୀ, ୨୩।୧୧ : ଭାରତ ଏବଂ ଶ୍ରୀଲଙ୍କା ଆସନ୍ତା ବର୍ଷ ମିଳିତ ଭାବରେ ୨୦୨୬ ଟି୨୦ ବିଶ୍ୱକପ ଆୟୋଜନ କରିବେ। ଏଥିରେ ଆମେରିକୀୟ କ୍ରିକେଟ ଦଳ ମଧ ଅଂଶଗ୍ରହଣ କରିବ। ଆମେରିକା ଦଳର ଖେଳାଳି ଅଖିଳେଶ ରେଡ୍ଡୀଙ୍କୁ ଆଇସିସି ନିଲମ୍ବିତ କରିଛି। ୨୫ ବର୍ଷୀୟ ଏହି ଅଫ-ସ୍ପିନରଙ୍କ ନାଁରେ ଟି୧୦ ୨୦୨୫ ସହିତ ଜଡିତ ଦୁର୍ନୀତି ନିବାରଣ ସଂହିତାର ତିନୋଟି ଉଲ୍ଲଂଘନ ଅଭିଯୋଗ ଆସିଛି। ଅଖିଳେଶ ଲିଗରେ ୟୁପି ନବାବସ ଦଳ ପାଇଁ ଖେଳନ୍ତି। ଆଇସିସି ଏକ ବିବୃତ୍ତିରେ କହିଛି, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ, ଏମିରେଟ୍ସ କ୍ରିକେଟ ବୋର୍ଡ ପକ୍ଷରୁ, ଆମେରିକୀୟ କ୍ରିକେଟ ଖେଳାଳି ଅଖିଳେଶ ରେଡ୍ଡୀଙ୍କ ଉପରେ ଆଇସିସି ଦୁର୍ନୀତି ନିବାରଣ ସଂହିତାର ତିନୋଟି ଉଲ୍ଲଂଘନ ଅଭିଯୋଗ ଆଣିଛି। ଏହି ଅଭିଯୋଗଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସରେ ଚାଲିଥିବା ଆବୁଧାବି ଟି୧୦ ୨୦୨୫ ଟୁର୍ନାମେଣ୍ଟ ସହିତ ଜଡିତ। ଇଭେଣ୍ଟ ପାଇଁ ନିଯୁକ୍ତ ଦୁର୍ନୀତି ନିବାରଣ ଅଧିକାରୀ (ଆଇସିସି) ଭାବରେ, ଓଉଉ ଏମିରେଟ୍ସ କ୍ରିକେଟ ବୋର୍ଡ ପକ୍ଷରୁ ଏହି ଅଭିଯୋଗଗୁଡ଼ିକ କରିଛି। ୨୫ ବର୍ଷୀୟ ଅଖିଳେଶ ରେଡ୍ଡୀ ଯୁକ୍ତରାଷ୍ଟ୍ର କ୍ରିକେଟ ଦଳ ପାଇଁ ୪ଟି ଅନ୍ତର୍ଜାତୀୟ ଟି୨୦ମ୍ୟାଚ ଖେଳିଛନ୍ତି, ଯଦିଓ ସେ ବିଶେଷ ପ୍ରଭାବ ପକାଇପାରି ନ ଥିଲେ। ଅଖିଳେଶ ୪ଟି ଟି୨୦ ମ୍ୟାଚରେ କେବଳ ୧ ଉଇକେଟ ନେଇଛନ୍ତି।

## ହଠାତ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରହିଲା ସ୍ମୃତି ମନ୍ଧାନା-ପଲାଶଙ୍କ ବିବାହ



ନୂଆଦିଲ୍ଲୀ, ୨୩।୧୧: ସ୍ମୃତି ମନ୍ଧାନା ଏବଂ ପଲାଶ ମୁଚ୍ଛଲଙ୍କ ବିବାହ ସ୍ଥଗିତ ରଖାଯାଇଛି। ଭାରତୀୟ ମହିଳା ଦଳର ଉପ-ଅଧିନାୟିକାଙ୍କ ମ୍ୟାନେଜର ରବିବାର ଏହା ଘୋଷଣା କରିଛନ୍ତି। ମନ୍ଧାନାଙ୍କ ପରିଚାଳକ ତୁହିନ ମିଶ୍ର ଗଣମାଧ୍ୟମକୁ କହିଛନ୍ତି, 'ରବିବାର ସକାଳେ, ଯେତେବେଳେ ସେ (ସ୍ମୃତିଙ୍କ ବାପା) ଜଳଖିଆ କରୁଥିଲେ, ସେ ଅସୁସ୍ଥ ଅନୁଭବ କରିବାକୁ ଲାଗିଲେ। ଆମେ ତାଙ୍କ ସୁସ୍ଥ ହେବା ପାଇଁ କିଛି ସମୟ ଅପେକ୍ଷା କରିଥିଲୁ, କିନ୍ତୁ ତାଙ୍କ ଅବସ୍ଥା ଆହୁରି ଖରାପ ହୋଇଗଲା। ଆମେ କୌଣସି ସମ୍ଭାବନା ନ ନେଇ ତୁରନ୍ତ ଏକ ଆମ୍ବୁଲାନ୍ସ ଡକାଇ ତାଙ୍କୁ ହସ୍ପିଟାଲକୁ ନେଇଗଲୁ। ସେ ବର୍ତ୍ତମାନ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି।' ମନ୍ଧାନା ତାଙ୍କ ପିତାଙ୍କ ବହୁତ ନିକଟତର, ତେଣୁ ସେ ସୁସ୍ଥ ନହେବା ପର୍ଯ୍ୟନ୍ତ ଆଜିର ବିବାହ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ମନ୍ଧାନାଙ୍କ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତୁହିନ କହିଛନ୍ତି, 'ସେ ବର୍ତ୍ତମାନ ଅବଜରଭେଶନରେ ଅଛନ୍ତି। ଡାକ୍ତର କହିଛନ୍ତି ଯେ ତାଙ୍କୁ ହସ୍ପିଟାଲରେ ରହିବାକୁ ପଡିବ। ଆମେ ସମସ୍ତେ ଚିନ୍ତାରେ ଅଛୁ। ଆମେ ସମସ୍ତେ ଚାହୁଁଛୁ ଯେ ସେ ଶୀଘ୍ର ସୁସ୍ଥ ହୁଅନ୍ତୁ।' ମନ୍ଧାନା ସ୍ପଷ୍ଟ ଭାବରେ କହିଛନ୍ତି ଯେ ସେ ପ୍ରଥମେ ତାଙ୍କ ପିତାଙ୍କୁ ସୁସ୍ଥ ହେବାର ଦେଖିବେ ଏବଂ ତା'ପରେ ବିବାହ କରିବେ। ବିବାହ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ଯେ ସମସ୍ତେ ମନ୍ଧାନାଙ୍କ ଗୋପନୀୟତାକୁ ସମ୍ମାନ କରନ୍ତୁ। ସୂଚନାଯୋଗ୍ୟ, ସ୍ମୃତି ଏବଂ ପଲାଶଙ୍କ ବିବାହ ରବିବାର ମହାରାଷ୍ଟ୍ରର ସାଙ୍ଗଲିରେ ହେବାର ଥିଲା। କିନ୍ତୁ ବିବାହ ପୂର୍ବରୁ କ୍ରିକେଟରଙ୍କ ବାପା ହଠାତ ଅସୁସ୍ଥ ହୋଇପଡ଼ିବାରୁ ବିବାହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବାକୁ ପଡିଲା।

## ଲକ୍ଷ୍ୟ ସେନ୍ ଅଷ୍ଟ୍ରେଲିଆନ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ




ସିଡ୍‌ନୀ, ୨୩।୧୧: ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଅଷ୍ଟ୍ରେଲିଆନ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ଫାଇନାଲରେ ସେ ଜାପାନର ୟୁଶି ଟନକାଙ୍କୁ ହରାଇ ଦେଇଛନ୍ତି। ୨୦୨୫ ସିଜନରେ ଏହା ହେଉଛି ତାଙ୍କର ପ୍ରଥମ ଟାଇଟଲ। ପ୍ୟାରିସ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଅଧିକାର କରିବା ପରେ ଆଲମୋରାର ଏହି ୨୪ ବର୍ଷୀୟ ଖେଳାଳି ଖରାପ ସମୟ ଦେଇ ଗତି କରୁଥିଲେ। ରବିବାର ଫାଇନାଲରେ ସେ ୨୬ ବର୍ଷୀୟ ଟନକାଙ୍କୁ ୨୧-୧୫, ୨୧-୧୧ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ଲକ୍ଷ୍ୟ ୩୮ମିନିଟ ସମୟ ନେଇଥିଲେ। ଏଥିସହ ସେ ପୁରସ୍କାର ବାବଦରେ ୪୭୫,୦୦୦ ଆମେରିକୀୟ ଡଲାର ପୁରସ୍କୃତ ହୋଇଛନ୍ତି। ଲକ୍ଷ୍ୟ କହିଛନ୍ତି, ଚଳିତ ସିଜନରେ ସେ ଉତ୍‌ଥାନ ଓ ପତନ ଦେଇ ଗତି କରିଛନ୍ତି। ଭଲ ଫଳାଫଳ ସହ ସିଜନ ଶେଷ କରିଥିବାରୁ ସେ ଖୁବ୍ ଆନନ୍ଦିତ। ଲକ୍ଷ୍ୟ ହେଉଛନ୍ତି ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା। ଗତଥର ସେ ତାଙ୍କର ଏକ ସୁପର ୩୦୦ ଟାଇଟଲ ୨୦୨୪ରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲରେ ଜିତିଥିଲେ। ମାତ୍ର ସେହିବର୍ଷ କାନାଡା ଓପନ ଜିତିବା ପରେ ଗୋଟିଏ ହେଲେ ବଡ଼ ଟୁର୍ନାମେଣ୍ଟ ଜିତିପାରି ନ ଥିଲେ, ଯଦିଓ ସେପ୍ଟେମ୍ବରରେ ହଂକଂ ସୁପର ୫୦୦ରେ ସେ ରନରଅପ୍ ହୋଇଥିଲେ। ଏଠାରେ ସେ ଚଳିତବର୍ଷ ଓର୍ଲିନ୍ସ ମାଷ୍ଟର୍ସ ଓ ୟୁଏସ୍ ଓପନରେ ଦୁଇଟି ସୁପର ୩୦୦ ଟାଇଟଲ ବିଜେତା ବିଶ୍ୱର ୨୬ ନମ୍ବର ଟନକାଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ଜିତିଛନ୍ତି। ସେ ଉଚ୍ଚକୋଟୀର ପ୍ରଦର୍ଶନ ସହ ଗୋଟିଏ ହେଲେ ଗେମ୍ ଡ୍ରପ୍ ନ କରି ମ୍ୟାଚକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥିଲେ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar